بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4

ସଂଖ୍ୟା 48

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

28 ନଭେମ୍ବର 2019 | 28 ନବୁଓ୍ୱତ୍ 1398 ହି.ଶ | 30 ରବିଉଲ୍ ଅଓ୍ୱଲ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلَئِنْ قُتِلْتُمْ فِيْ سَبِيْلِ اللّٰهِ اَوْ مُتُّمْ لَمَغْفِرَةٌ مِّنَ اللّٰهِ وَرَحْمَةٌ خَيْرٌ مِّمَّا يَجْمَعُوْنَ ○ وَلَئِنْ مُّتُّمْ اَوْ قُتِلْتُمْ لَاِلَى اللّٰهِ تُحْشَرُوْنَ ○ (آل عمران:159،158)

ଅନୁବାଦ- ଏବଂ ଯଦି ତୁମେମାନେ ଅଲ୍ଲାଃଙ୍କ ପଥରେ ନିହତ ହୁଅ ବା ମରିଯାଅ ତେବେ ନିଶ୍ଚିତ ରୂପେ ଅଲ୍ଲାଃଙ୍କ ତରଫରୁ (ତୁମମାନଙ୍କ ନିକଟକୁ ପ୍ରେରିତ) କ୍ଷମା ଓ କରୁଣା ତାହାଠାରୁ ଉତ୍କୃଷ୍ଟତର, ଯାହା ସେମାନେ ମହଜୁଦ୍ କରୁଅଛନ୍ତି । ଏବଂ ଯଦି ତୁମେମାନେ ମରିଯାଅ ବା ନିହତ ହୁଅ ତେବେ ତୁମମାନଙ୍କୁ ନିଶ୍ଚିୟ ଅଲ୍ଲାଃଙ୍କ ନିକଟକୁ ଏକତ୍ରିତ କରି ନିଆଯିବ ।

*(ଆଲେ ଇମରାନ୍: ୧୫୮, ୧୫୯)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ନଫ୍‌ସେ ଅମ୍ମାରାଃରେ ଥିବା ମନୁଷ୍ୟ ସଇତାନ୍‌ର ଗୁଲାମ୍ (ଅର୍ଥାତ୍ କ୍ରୀତଦାସ) ହୋଇଥାଏ ଏବଂ ଲଓ୍ୱାମାଃ ଅବସ୍ଥାରେ ତାକୁ ସଇତାନ୍ ସହିତ ଯୁଦ୍ଧ କରିବାକୁ ପଡିଥାଏ କିନ୍ତୁ ମୁତ୍‌ମଇନ୍ନାଃ ଅବସ୍ଥାରେ ଏକ ପ୍ରକାର ଶାନ୍ତି ଓ ଆନନ୍ଦ ଅନୁଭବ କରି ସେ ଆରାମ୍‌ରେ ରହିଥାଏ ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

### ସଂସାରର କୌଣସି ବସ୍ତୁ ଅହିତକାରୀ ନୁହେଁ

ଏ କଥା ମଧ୍ୟ ଖୁବ୍ ମନେରଖିବା ଉଚିତ୍ ଯେ ପ୍ରତ୍ୟେକ କଥାରେ ଲାଭ ରହିଛି । ଏ ଦୁନିଆରେ ଦେଖିନିଅ ଯେ ବିଶାଳ ବୃକ୍ଷ ଠାରୁ ନେଇ କୀଟ ପତଙ୍ଗ ଓ ମୂଷା ପର୍ଯ୍ୟନ୍ତ ଏପରି କୌଣସି ଜିନିଷ ନାହିଁ ଯାହା ମନୁଷ୍ୟର ଅହିତକାରୀ ଥିବ । ଏହି ସମସ୍ତ ବସ୍ତୁ ତାହା ପାର୍ଥୀବ ହେଉ ବା ସ୍ୱର୍ଗୀୟ, ସମସ୍ତେ ଅଲ୍ଲାଃତାଲାଙ୍କ ଗୁଣ ବିଶେଷର ଛାୟା ଓ ଚିହ୍ନ ଅଟନ୍ତି । ଯେବେ ଗୁଣ ବିଷୟରେ ଲାଭ ହିଁ ଲାଭ ନିହିତ ରହିଛି । ତେବେ ବତାଓ ଯେ ଅସ୍ତିତ୍ୱର କେଉଁଭଳି ଲାଭ ଓ ହିତ ଥିବ । ଏଠାରେ ଏକଥା ମଧ୍ୟ ମନେ ରଖିବା ଉଚିତ୍ ଯେ ଏହି ସବୁ ଜିନିଷ ଦ୍ୱାରା ଯଦି ଆମେ କେବେ କଷ୍ଟ ଉଠାଇଛେ ତେବେ ନିଜର ଭୁଲ୍ ଯୋଗୁ ଓ ନିଜର ଭୁଲ୍ ବୁଝାମଣା ଯୋଗୁ । ଏଥିଯୋଗୁଁ ନୁହେଁ ଯେ ବାସ୍ତବରେ ସେହି ଜିନିଷ ଗୁଡିକ ମଧ୍ୟରେ କିଛି କ୍ଷତିକାରକ ଅଛି । ନୁହେଁ ବରଂ ନିଜର ଭୁଲ୍ ଓ ନିଜର ଦୋଷତୃଟି ଯୋଗୁଁ (ଦୁଃଖ ଉଠାଉଛେ) । ସେହିପରି ଆମେ ଅଲ୍ଲାଃତାଲାଙ୍କର କିଛି ବିଶେଷଗୁଣ ର ଜ୍ଞାନ ନରଖିବା ଯୋଗୁ ଦୁଃଖ ଏବଂ କଷ୍ଟ ଉଠାଇଥାଉ ନଚେତ୍ ଖୁଦାତାଲା ତ ସମ୍ପୂର୍ଣ୍ଣ କରୁଣାମୟ ଓ ଅଶେଷ ଦୟାବାନ । ଏ ସଂସାରରେ ଦୁଃଖ ଓ କଷ୍ଟ ପାଇବାର ରହସ୍ୟ ହେଉଛି ଏହା କି ଆମେ ଆମ ନିଜ କର୍ମ ଦ୍ୱାରା ନିଜର ବୁଝାମଣା ଓ ସ୍ୱଳ୍ପଜ୍ଞାନ ଯୋଗୁ ବିପଦରେ ପଡିଥାଉ । ସୁତରାଂ ସେହି ବିଶେଷ ଆଖି ଦ୍ୱାରା ଆମେ ଅଲ୍ଲାଃତାଲାଙ୍କୁ ରହିମ୍ ଓ କରିମ୍ ଅର୍ଥାତ୍ ଅଶେଷ ଦୟାଳୁ ଓ ସଦା କରୁଣାମୟ ଓ କଳ୍ପନା ଠାରୁ ଅଧିକ ହିତକାରୀ ଅସ୍ତିତ୍ୱ ରୂପେ ପାଉଛେ । ସେହି ଲାଭକୁ ଅଧିକା ଭାଗ ସେହିବ୍ୟକ୍ତି ପାଇଥାଏ ଯିଏ ତାର ଅଧିକା ନିକଟତର ହୋଇଗଲେ ଏବଂ ଏହି ପଦମର୍ଯ୍ୟଦା ସେହି ଲେକାମାନଙ୍କୁ ହିଁ ମିଳିଥାଏ ଯିଏ ମୁତ୍‌ତକି ବୋଲାଇଥାନ୍ତି ଓ ଅଲ୍ଲାଃତାଲାଙ୍କ ସମିପତାରେ ସ୍ଥାନ ପାଇଥାନ୍ତି । ଯେତେମାତ୍ରାରେ ମୁତ୍‌ତକି ଖୁଦାତାଲାଙ୍କ ନିକଟତର ହୋଇଚାଲେ ସେତେମାତ୍ରାରେ ତାକୁ ହିଦାୟତ୍‌ର ଜ୍ୟୋତି ମିଳିଥାଏ ଯାହା ତା'ର ଜ୍ଞାନ ଓ ବୁଦ୍ଧିରେ ଏକ ବିଶେଷ ପ୍ରକାରର ଆଲୋକ ସୃଷ୍ଟି କରିଥାଏ ଏବଂ ଯେତେ ଦୂରକୁ ଯାଇଥାଏ ଏକ ନିଃଶେଷ କରିଦେଉଥିବ । ଅନ୍ଧକାର ତା ହୃଦୟ ଓ ବୁଦ୍ଧିକୁ କବ୍‌ଜା କରିନିଏ । ଏପରିକି ସେ ସୁମ୍‌ମୁନ୍ ବୁକ୍‌ମୁନ୍ ଉମ୍‌ୟୁନ୍ ଫହୁମ୍ ଲା ୟର୍‌ଯିଉନ୍ (ବକ୍‌ରାଃ: ୧୯) ଅନୁରୂପ ହୋଇ ଅପମାନ ଓ ଧ୍ୱଂସର ଭାଗିଦାରୀ ହୋଇଥାଏ କିନ୍ତୁ ତାର ମୁକାବିଲାରେ ଜ୍ୟୋତି ଓ ଆଲୋକରେ ଭାଗ ଦେଇଥିବା ବ୍ୟକ୍ତି ଉଚ୍ଚ ସ୍ତରର ସୁଖ ଓ ସମ୍ମାନ ପାଇଥାଏ । ସୁତରାଂ ଅଲ୍ଲାଃତାଲା ସ୍ୱୟଂ କହୁଛନ୍ତି:- ୟା ଅୟୋଜୁହନ୍ ନଫ୍‌ସୁଲ୍ ମୁତ୍‌ମଇନ୍ନାଃ । ଇର୍‌ଯିଇ ଇଲା ରବ୍‌ବିକି ରାଜିୟତମ୍ ମର୍‌ଜିୟାଃ । (ଅଲ୍‌ଫଜର୍ ୨୮, ୨୯) ଅର୍ଥାତ୍ ହେ ପ୍ରଶାନ୍ତ ଆତ୍ମା ! ଏବଂ ପୁଣି ଏହି ପ୍ରଶାନ୍ତି ଖୁଦାଙ୍କ ସହିତ ରହିଯାଇଥାଏ । କେତେକ ଲୋକ ସରକାରଙ୍କ ଠାରୁ ଶାନ୍ତି ଓ ତୃପ୍ତି ହାସଲ କରିଥାନ୍ତି । ଆଉ କେତେ ସେମାନଙ୍କ ଧନ ଓ ସମ୍ମାନକୁ ସନ୍ତୁଷ୍ଟିର କାରଣ ବୋଲି ଜାଣିଥାନ୍ତି । ଆଉ କେତେକ ନିଜର ସୌନ୍ଦର୍ଯ୍ୟକୁ ଦେଖି ଏବଂ ହୁସିୟାର୍ ସନ୍ତାନମାନଙ୍କୁ ଦେଖି ନିଜକୁ ପ୍ରଶାନ୍ତ ବୋଲି କହିଥାନ୍ତି । କିନ୍ତୁ ଏହି ସୁଖ ଓ ପ୍ରକାର ପ୍ରକାରର ସାଂସାରିକ ସୁଖ ମନୁଷ୍ୟକୁ ସଚ୍ଚା ପ୍ରଶାନ୍ତି ଓ ସଚ୍ଚା ଶାନ୍ତ୍ୱନା ଦେଇପାରେ ନାହିଁ ବରଂ ଏକ ପ୍ରକାରର ଅପବିତ୍ରତା ଓ ଲୋଭ ଜନ୍ମାଇ କାମନା ଓ ତୃଷ୍ଣା ସୃଷ୍ଟି କରିଥାଏ । ଇସ୍‌ତସ୍‌କା (ଅର୍ଥାତ୍ ତୃଷାର୍ତ୍ତରେ ପିଡୀତ) ରୋଗୀଙ୍କ ସଦୃଶ ସେମାନଙ୍କର ତୃଷ୍ଣା ମେଂଟିନଥାଏ । ଏପରିକି ସେମାନଙ୍କୁ ଧ୍ୱଂସ କରିଦିଏ, କିନ୍ତୁ ଏଠାରେ ଖୁଦାତାଲା ଏକଥା କହୁଛନ୍ତି ଯେ ଏପରି ଆତ୍ମା ଯିଏ ନିଜର ପ୍ରଶାନ୍ତିକୁ ଖୁଦାତାଲାଙ୍କ ଠାରେ ହିଁ ପ୍ରାପ୍ତ କରିଥାଏ । ଏହି ସ୍ତର ଓ ପଦମର୍ଯ୍ୟଦାକୁ ପାଇବା ଭକ୍ତଙ୍କ ପାଇଁ ସମ୍ଭବପର । ସାଂସାରିକ ଐଶ୍ୱର୍ଯ୍ୟ ଓ ସମ୍ମାନ ରହିଥିବା ସତ୍ୱେ ମଧ୍ୟ ତାର ଆନନ୍ଦ ଖୁଦାତାଲାଙ୍କଠାରେ ହିଁ ନିହିତ ଥାଏ । ଏହି ଧନ ରତ୍ନ ଏହି ସାଂସାରିକ (ଭୋଗବିଳାସ) ଓ ତାହାର ଧନ୍ଦା ତାକୁ ପ୍ରକୃତ ଆନନ୍ଦ ଦେଇନଥାଏ । ସୁତରାଂ ଯେପର୍ଯ୍ୟନ୍ତ ମୁନୁଷ୍ୟ ଖୁଦାତାଲାଙ୍କ ଠାରେ ଆନନ୍ଦ ଓ ତୃପ୍ତି ନପାଇଛି ସେପର୍ଯ୍ୟନ୍ତ ସେ ମୋକ୍ଷ ପାଇପାରିବ ନାହିଁ କାରଣ ମୋକ୍ଷ ହେଉଛି ସନ୍ତୁଷ୍ଟ ହେବାର (ଅର୍ଥାତ୍ ଆତ୍ମସନ୍ତୋଷ ଲାଭ କରିବାର) ଏକ ସମର୍ଥବୋଧକ ଶବ୍ଦ ।

ନଫ୍‌ସେ ମୁତ୍ ମଇନ୍ନାଃ (ଅର୍ଥାତ୍ ସନ୍ତୁଷ୍ଟ ଆତ୍ମା) ବିନା ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିପାରେନାହିଁ ।

ମୁଁ ଏମିତି କିଛି ଲୋକଙ୍କୁ ଦେଖିଛି ଏବଂ ଅଧିକାଂଶ ଲୋକଙ୍କ ଆତ୍ମଜୀବନୀ ପଢ଼ିଛି ଯେଉଁମାନେ ଏ ଜୀବନର ଧନ ସମ୍ପଦ ଓ ସାଂସାରିକ ମିଥ୍ୟା ଆନନ୍ଦ, ସବୁ ପ୍ରକାରର ସୁଖ ଓ ପାରିବା ପଣିଆ ସନ୍ତାନ ନିଜ ପାଖରେ ରଖିଥିଲେ, ଯେତେବେଳେ ମରିବାକୁ ଲାଗିଲେ ଓ ସେମାନେ ଏ ସଂସାରକୁ ଛାଡିଯିବା ସହିତ ଏହି ସମସ୍ତ ବିଷୟ ବାସନାଠାରୁ ଦୂରେଇଯାଇ ଅନ୍ୟଏକ ସଂସାରକୁ ଯିବାକଥା ଜାଣିବାକୁ ପାଇଲେ ସେତେବେଳେ ସେମାନଙ୍କ ଭିତରେ ସନ୍ତାପ ଓ ନିରର୍ଥକ ଅଭିଳାଷାର ବହ୍ନି ଜଳିଉଠିଲା । ଫଳତଃ ସେମାନେ ଶୀତଳ ନିଃଶ୍ୱାସ ମାରିବାକୁ ଲାଗିଲେ । ସୁତରାଂ ଏହା ମଧ୍ୟ ଏକ ପ୍ରକାରର ନର୍କ ଯାହା ମଣିଷର ହୃଦୟକୁ ଆନନ୍ଦିତ ଓ ତୃପ୍ତ କରିପାରେ ନାହିଁ ବରଂ ତାକୁ ଅସ୍ତବ୍ୟସ୍ତ ଓ ବ୍ୟାକୁଳତାର ଅବସ୍ଥାରେ ଛାଡିଦେଇଥାଏ । ତେଣୁ ଏ କଥା ମଧ୍ୟ ମୋ ବନ୍ଧୁମାନଙ୍କ ଦୃଷ୍ଟିରେ ଅଛପା ହୋଇ ରହିବା ଉଚିତ୍ ନୁହେଁ ଯେ ଅଧିକାଂଶ ସମୟ ମଣିଷ ପରିବାର ମଧ୍ୟରେ ଛନ୍ଦି ହୋଇ ଓ ଧନ ସମ୍ପତିର ମାୟା ମୋହରେ ପଡିଯାଇ ଅବୈଧ ଓ ନିରର୍ଥକ ପ୍ରେମରେ ଏପରି ଲୀନ ହୋଇଯାଇଥାଏ ଓ ଅଧିକାଂଶ ସମୟ ସେହି ପ୍ରେମର ଆବେଗରେ ଓ ନିଶାରେ ପ୍ରପିଡୀତ ହୋଇ ଏମିତି ଅବୈଧ କାର୍ଯ୍ୟ କରିବସେ ଯାହା ତା ମଧ୍ୟରେ ଓ ଇଶ୍ୱରଙ୍କ ମଧ୍ୟରେ ଏକ ପରଦା (ପ୍ରତିବନ୍ଧକ) ସୃଷ୍ଟି କରିଦିଏ । ଫଳତଃ ତାହା ତା ପାଇଁ ଏକ ପ୍ରକାରର ନର୍କ ତିଆରି କରିଦିଏ । ଯେତେବେଳେ ତାକୁ ସେହି ସମସ୍ତ ବସ୍ତୁଠାରୁ ଅଚାନକ ଅଲଗା କରି ଦିଆଯାଏ ସେ ବିଷୟ ତାକୁ ଜଣାପଡେନାହିଁ । (ଅର୍ଥାତ୍) ସେହି ସମୟ ବିଷୟରେ ତାକୁ କିଛି ଜଣାନଥାଏ । ସେତେବେଳେ ସେ ଭୀଷଣ ଭାବେ ଅସ୍ତବ୍ୟସ୍ତ ହୋଇପଡେ । ଏକଥା ବହୁତ ସହଜରେ ବୁଝାଯାଇପାରେ ଯେ ଯେବେ କୌଣସି ବସ୍ତୁ ସହିତ ପ୍ରେମଭାବ ଥିବ ତେବେ ତା'ଠାରୁ ଦୂରେଇଯିବା ଓ ତା'ଠାରୁ ଅଲଗା ରହିବା ଯୋଗୁ ଏକ ପ୍ରକାରର ଦୁଃଖ ଓ ଦରଦପୂର୍ଣ୍ଣ ବିଶାଦ/ସନ୍ତାପ ସୃଷ୍ଟି ହୋଇଥାଏ । ଏ ପ୍ରସଙ୍ଗ ମନ୍‌କୁଲି (ଅର୍ଥାତ୍ ଉଦ୍ଧୃତ) ନୁହେଁ ବରଂ ମାକୁଲି (ଅର୍ଥାତ୍ ବୁଦ୍ଧିସଂଗତ) । ଯେପରି ଅଲ୍ଲାଃତାଲାଙ୍କ ଏ ନିର୍ଦ୍ଦେଶ ରହିଛି କି *ନାରୁଲ୍‌ଲ୍ଲାହିଲ୍ ମୁକଦତୁଲ୍ ଲତି ତତ୍‌ତଲିଉ ଅଲଲ୍ ଅଫ୍ ଇଦାଃ (ହୁମଜାଃ:୭,୮)* ସୁତରାଂ ଏହା ହେଉଛି ସେହି ଅଣ ଇଶ୍ୱରୀୟ ପ୍ରେମର ବହ୍ନି ଯାହା ମନୁଷ୍ୟର ହୃଦୟକୁ ଜଳେଇ ପାଉଁଷ କରିଦିଏ ଓ ଏକ ପ୍ରକାର ବିସ୍ମୟମୂଳକ ଦଣ୍ଡ ଓ ପୀଡାରେ ଲିପ୍ତ କରାଇଦିଏ । ମୁଁ ପୁଣି କହୁଅଛି ଯେ ଏହା ହେଉଛି ସମ୍ପୂର୍ଣ୍ଣ ସତ୍ୟ ଓ ସୁନିଶ୍ଚିତ କଥା କି ନଫ୍‌ସେ ମୁତ୍‌ମଇନ୍ନାଃ (ଅର୍ଥାତ୍ ପ୍ରଶାନ୍ତି ଆତ୍ମା) ବିନା ମନୁଷ୍ୟ ମୋକ୍ଷ ପାଇପାରିବ ନାହିଁ ।

ଯେମିତି ଆମେ ପୂର୍ବରୁ ଏକଥା ବର୍ଣ୍ଣନା କରି ଆସିଛୁ ଯେ ନଫ୍‌ସେ ଅମ୍ମାରାଃ (ଅର୍ଥାତ୍ ତାମସିକ ମନ) ଅବସ୍ଥାରେ ମଣିଷ ସଇତାନ୍‌ର ଗୁଲାମ୍ ହୋଇଯାଇଥାଏ ଏବଂ ଲଓ୍ୱାମାଃ ଅବସ୍ଥାରେ ତାକୁ ସଇତାନ୍ ସହିତ ଏକ ପ୍ରକାର ଯୁଦ୍ଧ କରିବାକୁ ପଡିଥାଏ । କେବେ ସେ ବିଜୟପ୍ରାପ୍ତ କରିଥାଏ ତ କେବେ ସଇତାନ୍ । କିନ୍ତୁ ମୁତ୍‌ମଇନ୍ନାଃ (ଆତ୍ମସନ୍ତୋଷ) ଅବସ୍ଥା ହେଉଛି ଏକ ପ୍ରକାରର ଶାନ୍ତି ଓ ସୁଖର ଅବସ୍ଥା ଅର୍ଥାତ୍ ସେ ଆରାମ୍‌ରେ ବସି ରହିଥାଏ । ସେଥିଯୋଗୁ ଏହି ଆୟତ ଅର୍ଥାତ୍ *ୟା ଅୟୋତୁହନ୍ ନଫ୍‌ସୁଲ୍ ମୁତ୍‌ମଇନ୍ନାଃ (ଫଜର୍: ୨୮)* ରୁ ସ୍ପଷ୍ଟ ରୂପେ ଜଣାପଡୁଛି ଯେ ଏହି ଶେଷ ଅବସ୍ଥାରେ କେତେ ଆନନ୍ଦ ମିଳିଥାଏ । ସୁତରାଂ ଏହାର ଅନୁବାଦ ହେଉଛି ଏପରି କି ହେ ପ୍ରଶାନ୍ତି ଆତ୍ମା ! ଅଲ୍ଲାଃଙ୍କ ନିକଟକୁ ଚାଲିଆସ । ସର୍ବସାଧାରଣରେ ଏହାର ଅର୍ଥ ତ ଏପରି ହେବ ଯେ ଜୀବନ ଯିବା ସମୟରେ ଅଲ୍ଲାଃତାଲାଙ୍କ ନିକଟରୁ ଏ ଆଓ୍ୱାଜ୍ ଆସିଥାଏ କି ହେ ପ୍ରଶାନ୍ତ ଆତ୍ମା ! ନିଜ ପାଳନକର୍ତ୍ତାଙ୍କ ଆଡକୁ ଆସିଯାଓ, ସେ ତୁମ ଉପରେ ସନ୍ତୁଷ୍ଟ ଓ ତୁମେ (ତାହାଙ୍କ ପ୍ରତି) ସନ୍ତୁଷ୍ଟ । ଯେହେତୁ ପବିତ୍ର କୋରାନ୍ ପାଇଁ ବାହ୍ୟ ଓ ଅନ୍ତଃ ଦୁଇଟିଯାକ ରହିଛି ସେଥିଯୋଗୁ ଅନ୍ତଃ ଦୃଷ୍ଟିକୋଣରୁ ଏହାର ଅର୍ଥ ଏପରି ହେବ କି ହେ ଶାନ୍ତିପ୍ରାପ୍ତ କରିଥିବା ଆତ୍ମା ! ନିଜ ପାଳନକର୍ତ୍ତାଙ୍କ ନିକଟକୁ ଚାଲିଆସ ଅର୍ଥାତ୍ ତୁମର ପ୍ରାକୃତିକ ଅବସ୍ଥା ଏପରି ହୋଇସାରିଛି ଯେ ତୁମେ ସନ୍ତୁଷ୍ଟି ଓ ଶାନ୍ତିର ସ୍ତରକୁ ପହଂଚିଯାଇଛ । ତୁମ ମଧ୍ୟରେ ଓ ଅଲ୍ଲାଃଙ୍କ ମଧ୍ୟରେ କିଛି ଦୂରତା ନାହିଁ । ଲଓ୍ୱାମାଃ ଅବସ୍ଥାରେ ଦୁଃଖ ଓ କଷ୍ଟ ହୋଇଥାଏ । କିନ୍ତୁ ମୁତ୍‌ମଇନ୍ନାଃ ଅବସ୍ଥାରେ ଏମିତି ପରିସ୍ଥିତି ସୃଷ୍ଟି ହୋଇଥାଏ ଯେ ଯେମିତି ପାଣି ଉପରୁ ତଳକୁ ବହି ଚାଲିଥାଏ । ସେହିଭଳି ଖୁଦାତାଲାଙ୍କ ପ୍ରେମ ମଣିଷର ଶିରା ପ୍ରସିରାରେ ପ୍ରବାହିତ ହୋଇଥାଏ ଓ ତାହା ଖୁଦାଙ୍କ ପ୍ରେମରେ ବଂଚିରହିଥାଏ । ଗୈରୁଲ୍ଲାଃ ଅର୍ଥାତ୍ ଅଣ ଇଶ୍ୱର ସହିତ ରହିଥିବା ପ୍ରେମ ଯାହା ତା ପାଇଁ ଏକ ପ୍ରକାରର ଜ୍ୱଳନ ବସ୍ତୁ ଓ ନର୍କ ତିଆରି କରିଥାଏ, ତାହା ଜଳିଯାଏ ଓ ତା ସ୍ଥାନରେ ଏକ ଆଲୋକ ଓ ଜ୍ୟୋତି ଭରି ଦିଆଯାଏ । ତାହାର ଇଚ୍ଛା ଅଲ୍ଲାଃଙ୍କର ଇଚ୍ଛା ଓ ଅଲ୍ଲାଃଙ୍କର ଇଚ୍ଛା ତାହାର ଅଭିଳାଷ ହୋଇଥାଏ । ଖୁଦାତାଲାଙ୍କ ପ୍ରେମ ଏହିଭଳି ପରିସ୍ଥିତିରେ ତାର ଜୀବନ ହୋଇଯାଇଥାଏ ଯେମିତି ଜୀବନ (ତିଷ୍ଠି ରହିବା) ପାଇଁ ଜୀବନ ପ୍ରଦାନକାରୀ ବସ୍ତୁର ଆବଶ୍ୟକ ରହିଛି ସେହିପରି ତାର ଜୀବନ ପାଇଁ ଖୁଦା ଏବଂ କେବଳ ଖୁଦା ହିଁ ଆବଶ୍ୟକ ହୋଇଥାଏ । ଅନ୍ୟଭାଷାରେ ଏହାର ଅର୍ଥ ଏପରି ହେବ କି ଖୁଦାତାଲା ହିଁ ତା'ର ସଚ୍ଚା ସୁଖ ଓ ପୁର୍ଣ୍ଣ ଆନନ୍ଦ ହୋଇଥାଏ ।

*(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୯୩-୯୬, ମୁଦ୍ରଣ ୨୦୧୮ କାଦିଆନ୍)*

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଶବ୍ଦରେ କହିଲେ ଯେ ଅଲ୍‌ହମ୍‌ଦୋଲିଲ୍ଲାଃ ମୁଁ ବହୁତ ଆନନ୍ଦିତ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୋର ସର୍ବଦା ଏକ ଅଭିଳାସ ଥିଲା । ମୁଁ କେବେ ଏପରି ଚିନ୍ତା ମଧ୍ୟ କରିନଥିଲି ଯେ କେବେ ହଜୁର୍ ଅନୁଓ୍ୱର୍‌ଙ୍କ ଏତେ ନିକଟରେ ବସିପାରିବି । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଶିବା ଏବଂ ତାଙ୍କ ହାତରେ ବୟତ୍ କରିବା ମୋ ପାଇଁ ବହୁତ ସମ୍ମାନର କଥା ଥିଲା । ଏହା ମୋ ଜୀବନର ଏକ ଉତମ ଦିନ ଥିଲା ।

ମୋକରମା ତନ୍‌ଜିମ୍ ଶେଖ୍ ଜୁମୁନ୍ ସାହିବା ବର୍ଣ୍ଣନା କରୁଛନ୍ତି ଯେ ମୁଁ ଏହି ପବିତ୍ର ଯାତ୍ରାରେ ସାମିଲ୍ ହୋଇ ବହୁତ ଖୁସି ଅଛି । ଅଲ୍‌ହମ୍‌ଦୋଲିଲ୍ଲାଃ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଧନ୍ୟବାଦ ଜଣାଉଅଛି ଯେ ସେ ଆମକୁ ସମୟ ଦେଲେ । ଏହି ସାକ୍ଷାତ୍‌କାର୍‌ର ସ୍ମୃତି ସର୍ବଦା ଆମ ହୃଦୟରେ ରହିବ ।

ଫରିଦ୍ ଜର୍‌କାନି ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ ସାକ୍ଷାତ୍‌କାରର ଏହି ଦିନଟି ଅସାଧାରଣ ଥିଲା । ମୁଁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ନିକଟରେ କୃତଜ୍ଞ ଯେ ସେ ଆମକୁ ସମୟ ଦେଇଛନ୍ତି । ମୁଁ ତାଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଲି । ସେ ଜଣେ ମହାନ୍ ବ୍ୟକ୍ତିବିଶେଷ ଅଟନ୍ତି । ଏହି ସାକ୍ଷାତ୍‌କାର୍ ମୋତେ ବହୁତ ଶାନ୍ତି ଦେଇଛି । ମୁଁ ମୋ ନିଜ ଭିତରେ ଅସାଧାରଣ ପରିବର୍ତନ ଅନୁଭବ କରୁଅଛି । ମୁଁ ମରିବା ପର୍ଯ୍ୟନ୍ତ ଖଲିଫା ଏବଂ ଜମାତ୍‌ର ସେବା ପରିବା ପାଇଁ ପ୍ରସ୍ତୁତ ଅଛି ।

ମୋକରମ୍ ଗିସ୍‌ଲେନ୍ ସାହେବ୍ ଏବଂ ତାଙ୍କ ପତ୍ନୀ ଫରିଦା ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ ମୁଁ ଏବଂ ମୋର ସ୍ତ୍ରୀ ଅଳ୍ପ କିଛି ଶବ୍ଦ ଦ୍ୱାରା ନିଜ ନିଜର ମନୋଭାବକୁ ବର୍ଣ୍ଣନା କରିବା ପାଇଁ ଚେଷ୍ଟା କରିବୁ । ଜୁମା ଦିନ ପ୍ରୋଗ୍ରାମ୍ ମୁଲତବି ହୋଇଯିବାର ଖବର ମିଳିବା ସତ୍ୱେ ମଧ୍ୟ ଆମେ ହଲାଣ୍ଡ ଯିବା ପାଇଁ ନିଷ୍ପତି ନେଲୁ । ଆମେ ଏକଥା ଭାବୁଥିଲୁ ଯେ କାଳେ ଆମକୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଦେଖିବାର ଅବସର ମିଳିଯିବ । ଏ ଖବର ମିଳିଲା ଯେ ସାକ୍ଷାତ୍‌କାର୍ କରିବା ପାଇଁ ଅନୁମତି ମିଳିଯାଇଛି, ସେତେବେଳେ ଆମେ ଘରୁ ହଲାଣ୍ଡ ନିମନ୍ତେ ବାହାରି ସାରିଥିଲୁ ।

ଆମେ ମନସ୍ଥ କଲୁ ଯେ ଆମେ ଚାହେଁ ଥକିଯାଉ ବା ବିବଶ ହୋଇଯାଉ, ଯେମିତି ହେଲେ ଆମେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଜଲ୍‌ସାସାଲାନା ୟୁ.କେ ପାଇଁ ଧନ୍ୟବାଦ ପ୍ରଦାନ କରିବୁ । ଜଲ୍‌ସାସାଲାନା ୟୁ.କେ ର ପରଦିନ ଆମେ ବଇତୁଲ୍ ଫତୁହ୍‌ର ଗୋଟିଏ ବିବାହ ଉତ୍ସବରେ ଯୋଗଦେଲୁ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଛରେ ନମାଜ ପଢ଼ିବା ପାଇଁ ମଧ୍ୟ ସୌଭାଗ୍ୟ ମିଳିଲା । ଏହି ସମସ୍ତ କ୍ଷଣଗୁଡିକରେ ଆମକୁ ବର୍‌କତ୍ ଅବତୀର୍ଣ୍ଣ ହେବାର ଦେଖାଯାଇଛି । ହୃଦୟକୁ ଶାନ୍ତି ହାସଲ ହୋଇଛି । ସେ ଜଲ୍‌ସାସାଲାନା ୟୁ.କେ ଅବସରରେ ବୟତ୍ କରିଛନ୍ତି ଏବଂ ଇଏ ୩୧ ଜଣ ବୟତ୍ କରିଥିବା ଫ୍ୟାମିଲି ମଧ୍ୟରୁ ହେଉଛନ୍ତି ଜଣେ ସଦସ୍ୟ ।

ଅମୀର୍ ସାହେବ୍ ଫ୍ରାନ୍‌ସ୍‌ଙ୍କ ତରଫରୁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ନିମନ୍ତ୍ରଣ ପାଇବା ପରେ ଆମେ ବହୁତ ଅଧର୍ଯ୍ୟ ହୋଇଗଲୁ ଓ ବହୁତ ପ୍ରଭାବିତ ହେଲୁ । ଏଣୁ ନିଜର ମନୋଭାବକୁ ଏଠାରେ ବ୍ୟକ୍ତ କରିବା ଆମପାଇଁ କଠିନ । ଫେରିବା ସମୟରେ ଆମ ନିକଟରେ କୌଣସି ପ୍ରକାରର ଥକ୍କାପଣ ନଥିଲା । ଆତ୍ମସନ୍ତୋଷ ଲାଭ କରିଥିଲୁ ଓ ଆମକୁ ଆମ ଇମାନ୍‌ରେ ବୃଦ୍ଧି ହେବାପାଇଁ ସାହସ ମଧ୍ୟ ମିଳିଲା । ଏହି ସାକ୍ଷାତ୍‌କାର୍‌ର ଘଟଣା ସବୁବେଳ ପାଇଁ ଆମର ମନେରହିବ । ଆମେ ଏହି ବର୍‌କାତ୍‌କୁ ନିଜ ଜମାତ୍‌ର ଭାଇମାନଙ୍କ ସହିତ ବାଂଟିବାକୁ ଚାହୁଁଛୁ ।

ଆମପାଇଁ ସବୁଦିନିଆ ମାମଲା ସମ୍ବନ୍ଧରେ ପ୍ରଶ୍ନ ପଚାରିବା କଠିନ ଥିଲା । କିନ୍ତୁ ଆମେ ଆମ ଜୀବନ ଆଡକୁ ଯେତେମାତ୍ରାରେ ଫେରୁଅଛୁ ହଜୁର୍ ଅନୁଓ୍ୱର୍‌ଙ୍କ ଉପଦେଶାବଳୀ ଗୁଡିକ ଆମ ଉପରେ ସ୍ପଷ୍ଟ ହେଉଅଛି ।

ଫାତିହ୍ କାଦିରି ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହା ଆମର ପ୍ରଥମ ସାକ୍ଷାତ୍‌କାର୍ ଥିଲା । ଏହା ପୂର୍ବରୁ କେବଳ ହଜୁର୍‌ଙ୍କୁ ଦର୍ଶନ କରିଥିଲି । ଏହି କ୍ଷଣ ଗୁଡିକ ଯାଦୁଭଳି ଥିଲା । ଅସାଧାରଣ, ଆଧ୍ୟାତ୍ମିକ ଓ ଭାବନାତ୍ମକ ଥିଲା । ମୋତେ ଏହି ସାକ୍ଷାତ୍‌କାର୍ ସମୟରେ ନିଜର ସୌଭାଗ୍ୟବାନ୍ ହେବା ବିଷୟ ଅନୁଭବ ହେଲା । କାଳେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଆଉ କିଛି ପଚାରିପାରିଥାଆନ୍ତି । ମନୁଷ୍ୟ ତ ହେଉଛି ଅକୃତଜ୍ଞ ଜୀବ । ହଜୁର୍‌ଙ୍କ ହାତରେ ବୟତ୍ କରିବାର ଯେଉଁ ଅବସ୍ଥା ଥିଲା ତାହାକୁ ବର୍ଣ୍ଣନା କରିବା କଷ୍ଟକର । ଏହି ସାକ୍ଷାତ୍‌କାର୍ ମୋ ପାଇଁ ଜଲ୍‌ସାସାଲାନା ୟୁ.କେ ପରେ ଜୀବନର ସବୁଠାରୁ ବଡ ଅନୁଭୁତି ହୋଇ ରହିବ ।

ମୋହତରମା ଡ୍ରେମ୍ ଡାଇନେବା ସାହିବା ବତାଇଲେ ଯେ ଏହି ଯାତ୍ରା ବହୁତ ବାବର୍‌କତ୍ ଓ ଆଧ୍ୟାତ୍ମିକ ଯାତ୍ରା ଥିଲା । ଆମକୁ ଅତ୍ୟନ୍ତ ସୁନ୍ଦର ଶୈଳୀରେ ସ୍ୱାଗତ କରାଗଲା । ମୋତେ ଏହି ଅବସରରେ ସାମିଲ୍ ହୋଇ ଆତ୍ମସନ୍ତୋଷ ମିଳିଲା । ବହୁତ ପରିଶ୍ରମ କରି ଆମର ଅତିଥି ସତ୍କାର କରାଗଲା ।

ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ପ୍ରୋଗ୍ରାମ୍‌କୁ ଶୁଣିବା ପରେ ଅନେକ ଦିନ ପର୍ଯ୍ୟନ୍ତ ବହୁତ ଭାବବିହ୍ୱଳ ହୋଇ ରହିଲି । ହଜୁର୍ ଅନୁଓ୍ୱର୍ ଯେତେବେଳେ ହଲ୍ ନିକଟତର ହେଲେ ମୋ ହୃଦୟର ସ୍ପନ୍ଦନ ବଢ଼ିବାକୁ ଲାଗିଲା । ଯେତେବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହଲ୍ ଭିତରେ ପ୍ରବେଶ କରିଗଲେ ସେତେବେଳେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମାନରେ ଛିଡା ହୋଇଗଲି । ମୋତେ ଏପରି ଲାଗୁଥିଲା ଯେ ଯେମିତି ମୋ ପାଦତଳୁ ମାଟି ଖସିଯାଇଛି । ଅଲ୍ଲାଃତାଲାଙ୍କ ବନ୍ଧୁ ଆମ ସମ୍ମୁଖରେ ଛିଡା ହୋଇଥିଲେ । ହଜୁର୍ ହେଉଛନ୍ତି ଆପାଦମସ୍ତକ ଜ୍ୟୋତିପୂର୍ଣ୍ଣ । ଏପରି ପବିତ୍ର ଅସ୍ତିତ୍ୱକୁ ମୁଁ ପୂର୍ବରୁ କେବେ ଦେଖିନାହିଁ । ଏହି ସାକ୍ଷାତ୍‌କାର୍ ସମୟରେ ମୋ ଉପରେ ଏକ ପ୍ରକାରର ରୋବ୍ (ଆଧ୍ୟାତ୍ମିକ ପ୍ରଭାବ) ବିସ୍ତାର କରିଥିଲା । ଏହି ଅନୁଭବ ଜୀବନକୁ ବଦଳାଇ ରଖିଦେବାର ଅନୁଭବ ଥିଲା । ଯଦିଚ ତିନିବର୍ଷ ପୂର୍ବେ ମୁଁ ବୟତ ଫର୍ମ ପୂରଣ କରିଥିଲି କିନ୍ତୁ ନିୟମିତ ବୟତ୍ କରିବାର ସୌଭାଗ୍ୟ ମୋତେ ପ୍ରଥମଥର ପାଇଁ ପ୍ରାପ୍ତ ହେଉଥିଲା ଓ ଏହି କ୍ଷଣ ସର୍ବଦା ମୋ ମନ ଭିତରେ ଏକ ସ୍ୱର୍ଣ୍ଣିମ କ୍ଷଣ ହୋଇ ରହିବ । ମୁଁ ଅତ୍ୟନ୍ତ କୃତଜ୍ଞ ଯେ ଈଶ୍ୱର ମୋତେ ଏହିପରି ମୂଲ୍ୟବାନ କ୍ଷଣ ପ୍ରଦାନ କଲେ । ମୋତେ ନିଜ ଜମାତ୍‌ର ସତ୍ୟତା। ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି ଓ ମୁଁ ନିଜର ଏହି ନିମିତ ଚେଷ୍ଟା ଦ୍ୱାରା ତାହାର ଉନ୍ନତି ନିମନ୍ତେ ମନପ୍ରାଣ ଲଗାଇ କାର୍ଯ୍ୟ କରିବି । ଈଶ୍ୱର ଆମକୁ ଏ ସଂସାର ଉପରେ ଆଧ୍ୟାତ୍ମିକ ବିଜୟ ଲାଭ କରିବା ପାଇଁ ଓ ଅଧିକନ୍ତୁ ତବ୍‌ଲିଗ୍ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

## ୧୨ ଅକ୍ଟୋବର ୨୦୧୫ (ସୋମବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୪୫ରେ ବଇତୁଲ୍ ନୁର୍‌ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ୭:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନନ୍‌ସ୍ପିଟ୍ ଦେହାତି ଜଙ୍ଗଲ ଆଡକୁ ପ୍ରାତଃ ଭ୍ରମଣ ପାଇଁ ଗଲେ । ପ୍ରାତଃ ଭ୍ରମଣର ଏହି ପ୍ରୋଗ୍ରାମ୍ ସାଇକେଲ୍ ଯୋଗେ କରାଯାଇଥିଲା । ନିଜ ପ୍ରିୟ ଆକାଙ୍କ ସହିତ ୨୫ରୁ ୩୦ ଜଣ ଖୁଦ୍ଦାମ୍ ଯୋଗ ଦେଇଥିଲେ ।

ଜଙ୍ଗଲ ମଝିରେ ବିଭିନ୍ନ ରାସ୍ତା ଓ ସଡକ ମାର୍ଗକୁ ଅତିକ୍ରମ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅ ହ୍ରଦ ନିକଟରେ ପହଂଚିଲେ ଓ ସେଠାରେ କିଛି ସମୟ ପାଇଁ ରହି ପଦୋଚାରଣ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ମୋକରମ୍ ଅବ୍‌ଦୁଲ୍ଲାଃ ସପରା ସାହେବ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଯେ ଆପଣ ଦଉଡନ୍ତୁ । ସେହିପରି ଏମ୍.ଟି.ଏ ଇଂଟର୍ ନାସନାଲ୍ ଲଣ୍ଡନ୍‌ରୁ ଆସିଥିବା କେନ୍ଦ୍ରୀୟ ଟିମମ୍‌ର ସଦସ୍ୟ ମୋକରମ୍ ତୌକିର୍ ଅହେମଦ୍ ସାହେବ୍, ମୁଜମିଲ୍ ଡୋଗର୍ ସାହେବ୍ ଏବଂ ସଲ୍‌ମାନ୍ ଅବାସି ସାହେବ୍ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ନିର୍ଦ୍ଦେଶ କ୍ରମେ ଦଉଡିଲେ । ଏହି ସମସ୍ତ ସଦସ୍ୟମାନେ ହ୍ରଦର କୂଳେ କୂଳେ ଦଉଡି ଦଉଡି ଗୋଟିଏ ଲମ୍ବା ଦୂରତାକୁ ଅତିକ୍ରମ କଲେ । ଏଠାରେ କିଛି ସମୟ ରହଣି ପରେ ଲେଉଟିବାର ଯାତ୍ରା ଆରମ୍ଭ ହେଲା ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ୮:୫୫ରେ ଲେଉଟି ଆସିଲେ ।

ଠିକ୍ ୧୨ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ଓ ଦଫ୍‌ତର୍‌ରେ ଚିଠିପତ୍ର ରିପୋର୍ଟସ୍ ଇତ୍ୟାଦିକୁ ଦେଖିଲେ ଓ ନିଜ ପବିତ୍ର ହସ୍ତ ଦ୍ୱାରା ସେଥିରେ ହିଦାୟତ୍ ପ୍ରଦାନ କଲେ । ପାଖାପାଖି ୧୨:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନନ୍‌ସ୍ପିଟ୍‌ର ପଡୋଶୀ ସହର Zwolle କୁ ପରିଦର୍ଶନ କରିବା ପାଇଁ ବାହାରିଲେ ।

ପୂର୍ବରୁ Zwolle ସହରରେ କିଛି ଅହେମଦୀ ବସବାସ କରୁଥିଲେ । ସେଥିଯୋଗୁ ଏମାନେ ସମସ୍ତେ ନନ୍‌ସ୍ପିଟ୍ ଜମାତ୍‌ର ଅଂଶ ହୋଇ ରହିଥିଲେ । ବିଗତ ବର୍ଷ ଠାରୁ Zwolle ଠାରେ ଜମାତ୍‌ର ଲୋକମାନଙ୍କର ସଂଖ୍ୟା ବହୁମାତ୍ରାରେ ବଢ଼ିଯାଇଛି ଓ ଏଠାରେ ବହୁତ ଗୁଡିଏ ଅହେମଦୀ ଫ୍ୟାମିଲି ବସବାସ କରୁଛନ୍ତି । ସେଥିଯୋଗୁ ଏବେ ଏଠାରେ ଅଲଗା ଜମାତ୍ ସ୍ଥାପନ କରାଯାଇଛି । ୩:୪୫ରେ Zwolle ସହରରୁ ଫେରିଆସିଲେ ।

୪:୧୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

୬:୫୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜମାତ୍‌ର ମର୍କଜି ସେଂଟର୍ ବଇତୁଲ୍ ନୁର୍ ନନ୍‌ସ୍ପିଟ୍‌ର ବିଭିନ୍ନ ଅଟ୍ଟାଳିକା ଗୁଡିକୁ ପରିଦର୍ଶନ ଓ ନିରୀକ୍ଷଣ କଲେ ।

ବ୍ଲକ୍ ସି. ରେ ନିୟମିତ ମେହ୍‌ରାବ୍ ତିଆରି କରାଯାଇ ମସ୍‌ଜିଦ୍ ପ୍ରସ୍ତୁତ କରାଯାଇଛି । ଏହି ବ୍ଲକ୍‌ରେ ମସ୍‌ଜିଦ୍ ସହିତ ଗୋଟିଏ ଆବାସସ୍ଥଳୀ ପାଇଁ କୋଠରୀ ନିର୍ମାଣ କରାଯାଇଛି । ଏଠାରେ ସିକ୍ୟୁରିଟି ଷ୍ଟାଫ୍‌ଙ୍କ ମେମ୍ବର୍‌ମାନେ ରହୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହାର ନିରୀକ୍ଷଣ କଲେ ଓ ଏଠାରେ ବାଥ୍‌ରୁମ୍‌ର ସୁବିଧା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବ୍ଲକ୍ ବି. ରେ ପହଂଚିଲେ । ଏହି ବ୍ଲକ୍‌ର ପ୍ରଥମ ଦୁଇଟି ମହଲାରେ ଲଜ୍‌ନା ମାନଙ୍କର କାର୍ଯ୍ୟକ୍ରମ ନିମନ୍ତେ ଗୋଟିଏ ବହୁତ ବଡ ହଲ୍ ଏବଂ ଏତଦ୍‌ବ୍ୟତୀତ ଦୁଇଟି ଛୋଟ ଛୋଟ ହଲ୍ ଓ ରୋଷେଇ ଘରର ସୁବିଧା ମଧ୍ୟ ଉପଲବ୍ଧ ରହିଛି । ଏହି ହଲ୍ ଗୁଡିକର ଦେଖଭାଲ ପାଇଁ ଓ ମରାମତି କାର୍ଯ୍ୟ କରିବା ସମ୍ବନ୍ଧରେ ହଜୁର୍ ଅନୁଓ୍ୱର୍ ନିରୀକ୍ଷଣ କଲେ । କ୍ରମଶଃ.....(ବହୱାଲା ଅଖବାର୍ ବଦର୍ ଉର୍ଦ୍ଦୁ, ୨୬ ନଭେମ୍ବର ୨୦୧୫)

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

''ନମାଜ ହେଉଛି ସମସ୍ତ ଉନ୍ନତିର ଉତ୍ସ ଓ ପାହାଚ । ତେଣୁ ଏଥିପାଇଁ କୁହାଯାଇଛି ଯେ ନମାଜ ହେଉଛି ମୋମିନ୍‌ର ମେରାଜ୍'' (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

ମୋମିନ୍ ହେଉଛି ସେ ଯିଏ ନମାଜ ନିୟମିତ ପାଠ କରିଥାଏ ।

ଅଲ୍ଲାଃତାଲାଙ୍କ ଠାରୁ ମାଗିବା ପାଇଁ କିଛି ଶୈଳୀ ଓ କିଛି ନିୟମ ରହିଛି । ତେଣୁ ତା ମୁତାବକ ଚାଲିବାକୁ ପଡ଼ିଥାଏ ।

ନମାଜ ହେଉଛି ତାହା ଯେଉଁଥିରେ ବିନମ୍ରତା ଏବଂ ଆତ୍ମ ସମର୍ପଣ ଥିବ ।

ସର୍ବୋତମ ଦୁଆ (ପ୍ରାର୍ଥନା) ହେଉଛି ସୁରଃ ଫାତିହା ।

ଛୋଟରୁ ଛୋଟ ଓ ବଡରୁ ବଡ ସମସ୍ତ ଆବଶ୍ୟକତାକୁ ବିନା କୌଣସି ଲଜ୍ଜା ଅନୁଭବ କରି ଖୁଦାଙ୍କଠାରୁ ମାଗ କାରଣ ସେ ହେଉଛନ୍ତି ଅସଲ ପ୍ରଦାନକାରୀ ।

କେବଳ ଦୁଆ ଦ୍ୱାରା କାର୍ଯ୍ୟ ସିଦ୍ଧି ହୁଏନାହିଁ । ତତ୍ ସହିତ ଚେଷ୍ଟା ମଧ୍ୟ କରିବାକୁ ପଡିବ ।

ଉପାସନା ହେଉଛି ତାହା ଯେଉଁଥିରେ ଅଲ୍ଲାଃତାଲାଙ୍କ ସାନିଧ ଓ ନିକଟତା ସୃଷ୍ଟି ହୋଇଥାଏ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୫ ଅକ୍ଟୋବର ୨୦୧୯ ଅନୁଯାୟୀ ୨୫ ଇଖା ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

اَلَّذِيْنَ اِنْ مَّكَّنّٰهُمْ فِي الْاَرْضِ اَقَامُوا الصَّلٰوةَ وَاٰتَوُا الزَّكٰوةَ وَاَمَرُوْا بِالْمَعْرُوْفِ وَنَهَوْا عَنِ الْمُنْكَرِ وَلِلّٰهِ عَاقِبَةُ الْاُمُوْرِ (الحج:42)

ଅର୍ଥାତ: (ହିଜରତକାରୀ ମୁସଲମାନମାନେ) ସେହି ଲୋକ ଅଟନ୍ତି ଯେଉଁମାନଙ୍କୁ ଯଦି ଆମେ ଏହି ସଂସାରରେ ଶକ୍ତିପ୍ରଦାନ କରିବୁ ତେବେ ସେମାନେ ସୁଚାରୁ ରୂପେ ନମାଜ ପାଠ କରିବେ ଓ ଯକାତ୍ ଦେବେ ଏବଂ ସତ୍ କାର୍ଯ୍ୟ ପାଇଁ ଆଦେଶ ଦେବେ ଓ ଅସତ୍ କାର୍ଯ୍ୟରୁ ବାରଣ କରିବେ; ଏବଂ ସମସ୍ତ କାର୍ଯ୍ୟର ପରିଣାମ ଅଲ୍ଲାଃଙ୍କ ଠାରେ ରହିଅଛି ।

ଏହି ଆୟତରେ ଅଲ୍ଲାଃ ତାଲା ମୁମିନ୍ ମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ, ପ୍ରକୃତ ମୁମିନ୍ ହେଉଛନ୍ତି ସେହିମାନେ ଯେଉଁମାନଙ୍କୁ ଶକ୍ତି ମିଳିବା କ୍ଷେତ୍ରରେ, ଦୁର୍ବଳତା ଓ ବିବଷତା ପରେ ଶାନ୍ତି ମିଳିବା କ୍ଷେତ୍ରରେ, ଉତମ ଅବସ୍ଥା ମିଳିବା କ୍ଷେତ୍ରେ, ସ୍ୱାଧୀନଭାବେ ଅଲ୍ଲାଃଙ୍କ ଉପାସନା ଏବଂ ଧର୍ମ ଉପରେ ପରିଚାଳିତ ହେବାର ଅବସ୍ଥା ସୃଷ୍ଟି ହେବା ପରେ ସେମାନେ ନିଜ ଅଭିଳାଷା ଓ ନିଜସ୍ୱ ହିତ ପ୍ରତି ଧ୍ୟାନ ଦେବା ବାଲା ହୁଅନ୍ତି ନାହିଁ ବରଂ ସେମାନେ ନମାଜକୁ ସ୍ଥାପନ କରିଥାନ୍ତି । ଅର୍ଥାତ ନିଜ ନମାଜ ପ୍ରତି ଧ୍ୟାନ ଦେଇଥାନ୍ତି ଓ ନିଜର ମସ୍‌ଜିଦ୍‌ର ରକ୍ଷଣାବେକ୍ଷଣା କରିଥାନ୍ତି ଓ ମାନବ ସେବା କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ସେମାନେ ଅଲ୍ଲାଃ ତାଲାଙ୍କ ଭୟକୁ ମନ ଭିତରେ ରଖି ଗରିବ ଓ ଦରିଦ୍ର ଶ୍ରେଣୀର ଲୋକମାନଙ୍କ ପାଇଁ ନିଜର ଧନକୁ ଖର୍ଚ୍ଚ କରିଥାନ୍ତି । ଧର୍ମର ପ୍ରଚାରପ୍ରସାର ପାଇଁ ବଳିଦାନ ଦେଇଥାନ୍ତି । ଅଲ୍ଲାଃ ତାଲାଙ୍କ ଧର୍ମକୁ ପ୍ରଚାର କରିବା ନିମନ୍ତେ ନିଜର ଧନ ସମ୍ପତିକୁ ଖର୍ଚ୍ଚ କରି ତାକୁ ପବିତ୍ର ଧନ ବନାଇଥାନ୍ତି । ପୂଣ୍ୟ କାର୍ଯ୍ୟ ପ୍ରତି ନିଜେ ମଧ୍ୟ ଧ୍ୟାନ ଦେଇଥାନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ପୂଣ୍ୟ କାର୍ଯ୍ୟ କରିବା ପାଇଁ ପର୍ବତାଇ ଥାନ୍ତି ଏବଂ ଅଲ୍ଲାଃ ତାଲା ଓ ତାହାଙ୍କ ଭକ୍ତମାନଙ୍କ ଅଧିକାରକୁ ପ୍ରଦାନ କରିବା ପ୍ରତି ଧ୍ୟାନ ଦେଇଥାନ୍ତି । କୁକାର୍ଯ୍ୟରୁ ନିଜେ ମଧ୍ୟ ରହିତ ଥାନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ କୁକାର୍ଯ୍ୟ କରିବାରୁ ରୋକି ଥାନ୍ତି । କାରଣ ଏହି ସବୁ କାର୍ଯ୍ୟକୁ ସେମାନେ ଅଲ୍ଲାଃ ତାଲାଙ୍କୁ ଭୟ କରି ଏବଂ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହେବା ଯୋଗୁଁ କରିଥାନ୍ତି । ତେଣୁ ଅଲ୍ଲାଃ ତାଲା ମଧ୍ୟ ସେମାନଙ୍କ କାର୍ଯ୍ୟର ଉତମ ପ୍ରତିଫଳ ପ୍ରଦାନ କରିଥାନ୍ତି । କାରଣ ପ୍ରତ୍ୟେକ ବସ୍ତୁ ର ନିଷ୍ପତି ଖୁଦାତାଲା ହିଁ କରିଥାନ୍ତି । ସୁତରାଂ ଯେଉଁ କାର୍ଯ୍ୟକୁ ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ଓ ଖୁଦାତାଲାଙ୍କ ଭୟକୁ ହୃଦୟରେ ରଖି କରାଯାଏ ନିଶ୍ଚିତରୂପେ ତାହାର ପରିଣାମ ଉତମ ହେବ । ସୁତରାଂ ଏହି ମୂଳକଥାକୁ ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ବୁଝି ନେବେ ତେବେ ଅଲ୍ଲାଃ ତାଲାଙ୍କ କୃପା ଓ କରୁଣାକୁ ହାସଲ କରିବାବାଲା ହୋଇଚାଲିବେ ।

ଆପଣମାନେ ଏଠାରେ ମେହେଦୀ ଆବାଦ୍‌ରେ ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ସେହିପରି ବିଗତ ଦିନ ଗୁଡ଼ିକରେ ଫଲଡ଼ା ଠାରେ ଓ ୱିଜ୍‌ବାଦନଠାରେ ମଧ୍ୟ ମସ୍‌ଜିଦ ଉଦଘାଟନ ହୋଇଛି । ଯମାତ୍ ଅହେମଦୀୟା ଜର୍ମାନୀ ଅଲ୍ଲାଃ ତାଲାଙ୍କ ଫଜଲ୍‌ରୁ ଶହେଟି ମସଜିଦ୍ ନିର୍ମାଣ କରିବାର ଯୋଜାନା ଅନ୍ତର୍ଗତ ଅନେକ ମସଜିଦ୍ ନିର୍ମାଣ କରିବାର ସୌଭାଗ୍ୟ ପାଉଅଛି ଓ ନିଶ୍ଚିତରୂପେ ଯମାତ୍ ର ସଦସ୍ୟମାନେ ମସଜିଦ ନିର୍ମାଣ କରିବା ପାଇଁ କେବଳ ଏଥିପାଇଁ ମାଲିକୁର୍ବାନୀ କରୁଛନ୍ତି ଯେ ଆମେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହୋଇ ଆମେ ଆମର ଉପାସନାର ସ୍ତରକୁ ଉଚ୍ଚ ରୁ ଉଚ୍ଚତର କରିବା । ପାକିସ୍ତାନରୁ ହିଜ୍‌ରତ କରି ଏଠାକୁ ଆସିବା ପରେ ଆମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇଛି । ତେଣୁ ଏକଥା ଆମମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବା ଉଚିତ ହେବ ଯେ, ଆମେ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଓ ତାହାଙ୍କ ଘରର ନିର୍ମାଣ କରିବା ଯେଉଁଠି ଆମେ ସମସ୍ତେ ଏକାଠି ହୋଇ ନାମଜକୁ ସ୍ଥାପନ କରିପାରିବା । ବାଯମାତ୍ ନମାଜ୍ ପଢ଼ିପାରିବା ନିଜ ନମାଜ୍‌ରେ ଏପରି ଅବସ୍ଥା ସୃଷ୍ଟି କରିପାରିବା ଯଦ୍ୱାରା ଅଲ୍ଲାଃ ତାଲାଙ୍କ ଆଡ଼କୁ ବିଶେଷ ଧ୍ୟାନ ସୃଷ୍ଟି ହେବ । ସ୍ୱାଧୀନ ଭାବେ ଅଲ୍ଲାଃ ତାଲାଙ୍କ ଉପାସନାର ହକ୍‌କୁ ପ୍ରଦାନ କରିପାରିବା । ପାକିସ୍ତାନରେ ଆମକୁ ଧର୍ମୀୟ ସ୍ୱାଧୀନତା ନାହିଁ ସେଠାରେ ଦେଶର କାନୁନ ବ୍ୟବସ୍ଥା ଆମକୁ ମସଜିଦ୍ ବନେଇବା ପାଇଁ ଅନୁମତି ଦେଉନାହିଁ, ଆମକୁ ସ୍ୱାଧୀନଭାବେ ଉପାସନା କରିବା ପାଇଁ ଅନୁମତି ଦେଉନାହିଁ ଯେ ଆମେ ସେଠାରେ ଅଲ୍ଲାଃ ତାଲାଙ୍କ ହକ୍‌କୁ ପ୍ରଦାନ କରିପାରିବ ଓ ତାହାଙ୍କ ଉପାସନା କରିପାରିବା । ଏଠାରେ ଅଲ୍ଲାଃ ତାଲାଙ୍କ ହକ୍‌କୁ ପ୍ରଦାନ କରିବା ନିମନ୍ତେ ଆମେ ମସଜିଦ୍ ନିର୍ମାଣ କରୁଅଛେ । ଆମ ଉପରେ ଅଲ୍ଲାଃ ତାଲା ଆର୍ଥିକ ଦୃଷ୍ଟିକୋଣରୁ ଦେଖିଲେ ମଧ୍ୟ ସେ କୃପା କରିଛନ୍ତି । ତେଣୁ ପ୍ରତ୍ୟେକଙ୍କୁ ଏକଥା ଭାବିବା ଉଚିତ ଯେ, ଆମେ ତାଙ୍କ ଭକ୍ତଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ମଧ୍ୟ ଚେଷ୍ଟା କରିବା ଏବଂ ଆମେ କରୁଅଛେ ମଧ୍ୟ । ଆମେ ସମସ୍ତେ ହଜରତ ମସିହ ମଉଦ ଆ:ସଙ୍କ ବୟତ କରିଛନ୍ତି । ଯଦ୍ୱାରା ନିଜର ଆଧ୍ୟାତ୍ମିକ ଓ ଚାରିତ୍ରିକ ଅବସ୍ଥାକୁ ଉନ୍ନତ କରିପାରିବା ତେବେ ଆମର ଏହି ମସଜିଦ ଗୁଡ଼ିକ ଆମକୁ ଏହି କଥା ପ୍ରତି ଧ୍ୟାନ ଆକର୍ଷଣ କରାଉ ଓ ଏପରି ହେବା ମଧ୍ୟ ଉଚିତ । ସୁତରାଂ ଏହା ହେଉଛି ଭାବନା ତେଣୁ ଏହାଉପରେ ଭରପୂର ପରିଚାଳିତ ହେବା ପାଇଁ ଚେଷ୍ଟା ଜାରି ରହିଛି ଯାହାକୁ ପ୍ରତ୍ୟେକ ଅହେମଦୀ ଯେଉଁମାନେ ଏଠାରେ ବସବାସ କରୁଛନ୍ତି, ନିଜ ମନ ଭିତରେ ମଧ୍ୟ ରଖିବା ଉଚିତ ଏବଂ ନିଜର କର୍ମ ଦ୍ୱାରା ପ୍ରମାଣ କରି ଦେଖାଇବା ଉଚିତ ନଚେତ ମସଜିଦ ନିର୍ମାଣ କରିବା ବ୍ୟର୍ଥ ।

ସୁତରାଂ ପ୍ରତ୍ୟେକ ଅହେମଦୀକୁ ଏକଥା ମନେ ରଖିବା ଉଚିତ ଯେ, ମସଜିଦ ନିର୍ମାଣ କରିଦେଲେ ସେମାନଙ୍କ ଉଦ୍ଦେଶ୍ୟ ପୂରଣ ହେବ ନାହିଁ ବରଂ ସେତେବେଳେ ତାହା ପୂରଣ

ହେବ ଯେତେବେଳେ ସେମାନେ ନିଷ୍ଠାପର ହୋଇ ଅଲ୍ଲାଃ ତାଲାଙ୍କ ଉପାସନା କରିବା ପ୍ରତି ଧ୍ୟାନ ଦେବେ ଓ ନିଜର ନମାଜ୍‌କୁ ସ୍ଥାପନ କରିବେ । ବାଯମାତ୍ ନାମଜ୍ ପାଠ କରିବା ନିମନ୍ତେ ମସଜିଦକୁ ଆସିବେ । ନମାଜରେ ନିଜର ଧ୍ୟାନକୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ରଖିବେ ଯଦି ଧ୍ୟାନ ଭଙ୍ଗ ହୁଏ ତେବେ ତତ୍‌କ୍ଷଣାତ୍ ପୂର୍ନବାର ନାମଜ ପ୍ରତି ଧ୍ୟାନ ଦେଇ ଖୁଦାତାଲାଙ୍କ ଆଡ଼କୁ ଲେଉଟିବେ । ଏକଥାର ସତ୍ୟାସତ୍ୟକୁ ବୁଝି ନେବେ ଯେ, ନମାଜରେ ଆମକୁ ଅଲ୍ଲାଃ ତାଲାଙ୍କ ସହିତ କଥା ହେବାର ଅବସର ମିଳୁଅଛି । କେବଳ ମୁଣ୍ଡିଆ ମାରିବାରେ ନାହିଁ, କେବଳ ସଜ୍‌ଦା କରିବାରେ ନାହିଁ, କେବଳ ଆରବୀ ଶବ୍ଦଗୁଡ଼ିକ ପାଠ କରିବାରେ ନାହିଁ ବରଂ ନିଜ ଭାଷାରେ ମଧ୍ୟ କଥା କହିବାକୁ ହେବ । ଏପରି ନାମଜ ପଢ଼ିବା ପ୍ରତି ଚେଷ୍ଟା କରିବା ଉଚିତ ଯହିଁରେ ଅଲ୍ଲାଃ ତାଲାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ହାସଲ ହେଉ ।

ହଜରତ ମସିହ ମଉଦ ଆ:ସ ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି)ଙ୍କ ବିଶେଷ ଗୁଣକୁ ବର୍ଣ୍ଣନା କରି ଓ ପ୍ରକୃତ ମୁମିନ୍‌ର ବିଶେଷ ଗୁଣଗୁଡ଼ିକୁ ବର୍ଣ୍ଣନା କରି କହୁଛନ୍ତି ଯେ, ସେମାନେ ***ୟୁକିମୁନସ୍ ସଲାତା*** (ଅର୍ଥାତ ନମାଜକୁ ସ୍ଥାପନ) କରିବାବାଲା ଅଟନ୍ତି । ସେମାନେ ନମାଜକୁ ଛିଡ଼ା କରଇଥାନ୍ତି । ମୁତ୍‌ତକିଙ୍କ ଦ୍ୱାରା ଯେମିତି ହେଲେ ବି ସେ ନମାଜକୁ ଛିଡ଼ା କରିଥାଏ ଅର୍ଥାତ ବେଳେବେଳେ ନମାଜ ପଡ଼ିଯାଇଥାଏ ତେଣୁ ତାକୁ ସେ ଛିଡ଼ା କରିଥାଏ । ପୁଣି କହୁଛନ୍ତି ଅର୍ଥାତ ମୁତ୍‌ତକି ଖୁଦାତାଲାଙ୍କୁ ଭୟ କରିଥାଏ ତେଣୁ ସେ ନମାଜକୁ କାୟମ୍ କରିଥାଏ ଏହିଭଳି ଅବସ୍ଥାରେ ବିଭିନ୍ନ ପ୍ରକାରର ସଂସୟ ବିଚାର ଓ ସନ୍ଦେହ ଯାତ ହୋଇଥାଏ ଏବଂ ବହୁତ ବିପଦ ମଧ୍ୟ ଆସିଥାଏ ତାହା ସବୁ ପ୍ରତିବନ୍ଧକ ସାଜି ଥାଏ । ମନ ଭିତରେ ଥିବା ସଙ୍କା, ଭାବନା ଅଲ୍ଲାଃ ତାଲାଙ୍କ ତରଫରୁ ଧ୍ୟାନ ହଟାଇ ଦେଇଥାଏ । ମନ ଭିତରେ ଥିବା ଶଙ୍କା ଯୋଗୁଁ ଏବଂ ବିଭିନ୍ନ ପ୍ରକାରର ଚିନ୍ତାଧାରା ସୃଷ୍ଟି ହେବା ଯୋଗୁଁ ତାହା ଅଲ୍ଲାଃ ତାଲାଙ୍କଠାରୁ ଧ୍ୟାନକୁ ଲେଉଟାଇ ଦେଇଥାଏ । ଏହାକୁ ନମାଜ ପଡ଼ିଗଲା ବୋଲି କୁହାଯାଏ । ଏବଂ ପୁନର୍ବାର ଏହାକୁ ଛିଡ଼ା କରିବା ହେଉଛି ଏହା କି, ପୁଣି ଆଉଥରେ ଅଲ୍ଲାଃ ତାଲାଙ୍କ ପ୍ରତି ଧ୍ୟାନ ଦିଆଯାଉ କିନ୍ତୁ ତାହା ସେତେବେଳେ ହେବ ଯେତେବେଳେ ମନ ଭିତରେ ତକ୍‌ୱା ଥିବ । ତେଣୁ ସେ କହିଲେ ଜଣେ ମୁତ୍‌ତକି, ଜଣେ ପ୍ରକୃତ ମୁମିନ୍ ମନ ଭିତରେ ଥିବା ଏହିପରି ଅବସ୍ଥା ସତ୍ୱେ ମଧ୍ୟ ନମାଜକୁ ଛିଡ଼ା କରିଥାଏ । ଅର୍ଥାତ ନମାଜ ତ ତଳେ ପଡ଼ିଯାଏ, ବେଳେବେଳେ ଧ୍ୟାନ ଅନ୍ୟଆଡ଼କୁ ଚାଲିଯାଏ କିନ୍ତୁ ତକ୍‌ୱା ଏକଥା ଚାହିଁଥାଏ ଯେ, କିପରି ଚେଷ୍ଟା କରି ପୁଣି ନାମଜକୁ ଛିଡ଼ା କରିବା । ପୁଣି ନିଜର ଧ୍ୟାନକୁ ପୂର୍ନବାର ନମାଜ ଆଡ଼କୁ ଟାଣି ଆଣିବା ଏବଂ ଖୁଦାତାଲାଙ୍କ ଆଡ଼କୁ ନେଇଯିବା । ଏହା ହେଉଛି ତାକୁ ଛିଡ଼ା କରାଇବା । କହୁଛନ୍ତି ଯେ, ସେ ଦେଖାଣିଆ ଭାବେ ଓ ଚେଷ୍ଟା କରି ବାରମ୍ବାର ତାହାକୁ ଛିଡ଼ା କରିଥାଏ ଏବଂ ଯଦି ସ୍ଥିର ମନ ହୋଇ ମନୁଷ୍ୟ ନମାଜକୁ କାୟମ୍ କରେ ଓ ଏଥିପ୍ରତି ଚେଷ୍ଟା କରିଥାଏ ଯେ, ମୁଁ ନିଜ ନମାଜର ଉଚ୍ଚତମ ସ୍ତରକୁ ହାସଲ କରିବି ତେବେ ପୁଣି ଏପରି ଏକ ସମୟ ଆସିଥାଏ ଯେ, ଅଲ୍ଲାଃ ତାଲା ନିଜର ବାଣୀ ଦ୍ୱାରା ହିଦାୟତ ପ୍ରଦାନ କରିଦେଇଥାଏ । (ସତ୍‌ପଥ)

ପୁଣି ହଜରତ ମସିହ ମଉଦ ଆ:ସ ହିଦାୟତକୁ ସ୍ୱଷ୍ଟ କରିଛନ୍ତି ଯେ, ହିଦାୟତ ହେଉଛି କ'ଣ ? ସେ କହୁଛନ୍ତି ଯେ ତାହା ହେଉଛି ଏପରି ଅବସ୍ଥା ଯେଉଁଥିରେ ନମାଜକୁ ଛିଡ଼ା କରାଇବା ଓ ତାକୁ କାୟମ କରିବା ପାଇଁ କୌଣସି ଚେଷ୍ଟା କରାଯାଇନାହିଁ । ଏପରି ହୁଏ ନାହିଁ କି, ନମାଜ ପଡ଼ିଗଲା, ନାମଜରୁ ଧ୍ୟାନ ଚାଲିଗଲା, ଏବଂ ପୁଣି ଆଉଥରେ ନାମଜ ପଢ଼ିବା ପ୍ରତି ଧ୍ୟାନ ସୃଷ୍ଟି ହେବା ଏହିପରି ମାମଲା ରହିନଥାଏ ବରଂ ହିଦାୟତ ହାସଲ କରିବା ପରେ ନମାଜ ତା ପାଇଁ ଖାଦ୍ୟ ପରି ହୋଇଯାଏ । ଅର୍ଥାତ ଏପରି ହୋଇଯାଏ ଯେମିତି ଖୋରାକ୍ । ଖାଦ୍ୟ ଖାଇବା ଯେଉଁଭଳି ମଣିଷ ଶରୀର ପାଇଁ ଆବଶ୍ୟକ ସେହିଭଳି ଆଧ୍ୟାତ୍ମିକ ଅଭିବୃଦ୍ଧି ପାଇଁ ନମାଜ ତାହାର ଅଂଶ ହୋଇଯାଏ ଅର୍ଥାତ ଖାଦ୍ୟ ହୋଇଯାଏ । ପୁଣି କହୁଛନ୍ତି ଯେଉଁଭଳି ଭୌତିକ ଖାଦ୍ୟ ବିନା ଜୀବନ ତିଷ୍ଠି ରହେ ନାହିଁ ସେହି ଭଳି ନମାଜ ବିନା ମଧ୍ୟ ଜୀବନ ତିଷ୍ଠି ପାରେ ନାହିଁ । କେବଳ ଏତିକି ନୁହେଁ ଯେ, ଏ ଜୀବନକୁ କାୟମ୍ ରଖିବା ପାଇଁ ଖାଦ୍ୟ ଖାଇବାକୁ ପଡ଼ିଥାଏ ବରଂ ପୁଣି କହୁଛନ୍ତି ଯେ, ସେ ଖାଦ୍ୟର ଏକ ସ୍ୱାଦ ଓ ମଜା ମଧ୍ୟ ଆସିଥାଏ । ଆପଣ ଆ:ସ କହୁଛନ୍ତି ଯେ, ନମାଜ ପଢ଼ିବାରେ ତାକୁ ସେହି ମଜା ଓ ସ୍ୱାଦ ପ୍ରଦାନ କରାଯାଇଥାଏ ଯେମିତି ଭୀଷଣ ଶୋଷ ହେଉଥିବା ଅବସ୍ଥାରେ ଥଣ୍ଡା ପାଣି ପିଇବା ଦ୍ୱାରା ମଜା ବା ତୃପ୍ତି ହାସଲ ହୋଇଥାଏ । କାରଣ ସେ ବହୁତ ଉତ୍କଣ୍ଠାର ସହିତ ତାକୁ ପିଇଥାଏ ଓ ମନବୋଧ କରି ପିଇବା ଯୋଗୁଁ ସେଥିରୁ ଏକ ପ୍ରକାର ମଜା ଉଠାଇଥାଏ । ଶୋଷ ଲାଗୁଥିବ, ଭୀଷଣ ଶୋଷ ଲାଗୁଥିବ, ଅବସ୍ଥା ବହୁତ ସାଂଘାତିକ ହେଉଥିବ ଏତିକି ବେଳେ ଯଦି ତାକୁ ଥଣ୍ଡାପାଣି ମିଳିଯାଏ ତେବେ ସେଥିରୁ ତାକୁ ଯେଉଁ ଆନନ୍ଦ ଅନୁଭବ ହୋଇଥାଏ ସେହିପରି ଜଣେ ପ୍ରକୃତ ମୋମିନ୍‌କୁ ନମାଜ ପଢ଼ିବା ଦ୍ୱାରା ଆନନ୍ଦ ମିଳିଥାଏ । ପୁଣି ଆଉ ଏକ ଉଦାହରଣ ଆପଣ ଆ:ସ ଦେଇଛନ୍ତି ଯେ ଯଦି କୌଣସି ଜଣେ ଭୋକିଲା ଲୋକକୁ ବହୁତ ଉଚ୍ଚକୋଟୀର ଖାଦ୍ୟ ମିଳିଯାଏ ତାକୁ ଯେଉଁ ଭଳି ଏକ ପ୍ରକାରର ଆନନ୍ଦ ଅନୁଭବ ହୋଇଥାଏ ସେହିପରି ପ୍ରକୃତ ଆନନ୍ଦ ବାସ୍ତବିକ ନମାଜ ପଢୁଥିବା ଲୋକକୁ ହିଁ ମିଳିଥାଏ । ସୁତରାଂ ଏହା ହେଉଛି ସେହି ନମାଜ ଯାହାକୁ ବାସ୍ତବରେ ନମାଜ କୁହାଯାଏ ଅର୍ଥାତ ନମାଜକୁ ଆନନ୍ଦରେ ଓ ଖୁସୀରେ ପଢ଼ିବା ଉଚିତ ନା' କି ତାକୁ ବୋଝ ବୋଲି ଭାବି ପଢ଼ିବା ଉଚିତ । ଆପଣ ଆ:ସ ଏ ଉଦାହରଣ ମଧ୍ୟ ଦେଇଛନ୍ତି ଯେ, ପ୍ରକୃତ ମୋମିନ୍ ପାଇଁ ନମାଜ ଏକ ପ୍ରକାରର ନିଶା ହୋଇଯାଇଥାଏ ଯାହା ବିନା ସେ ବହୁତ ବ୍ୟତିବ୍ୟସ୍ତ ହୋଇପଡ଼େ । ଯେଉଁଭଳି ଜଣେ ନିଶାଖୋର ବ୍ୟକ୍ତିକୁ ନିଶା ନ ମିଳିବା ଦ୍ୱାରା ବହୁତ କଷ୍ଟ ଅନୁଭବ ହୋଇଥାଏ ଏବଂ ବହୁତ ବ୍ୟତିବ୍ୟସ୍ତତା ଅନୁଭବ ହୋଇଥାଏ କିନ୍ତୁ ନମାଜ ପଢ଼ିବା ଦ୍ୱାରା ତା' ମନ ଭିତରେ ଏକ ବିଶେଷ ଆନନ୍ଦ ଓ ଶୀତଳତା ଅନୁଭବ ହୋଇଥାଏ । ଆପଣ ଆ:ସ ପୁଣି କହୁଛନ୍ତି ଯେ, ସେହି ଆନନ୍ଦକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରେ ନାହିଁ ଯେଉଁ ଆନନ୍ଦ ପ୍ରକୃତରେ ନମାଜ ପଢୁଥିବା ବ୍ୟକ୍ତିକୁ ହାସଲ ହୋଇଥାଏ । ପୁଣି ଆପଣ ଆ:ସ କହୁଛନ୍ତି ଯେ, ମୁତତ୍‌କି ମୁମିନ୍ ନମାଜରେ ହିଁ ଆନନ୍ଦ ପାଇଥାଏ ସେଥିଯୋଗୁଁ ନମାଜକୁ ବହୁତ ଧିରେ ଧିରେ ବୁଝିସୁଝି କରି ପଢ଼ିବା ଉଚିତ । ପୁଣି କହୁଛନ୍ତି ନମାଜ ସମସ୍ତ ଉନ୍ନତିର ମୁଳ ଓ ପାହାଚ ଅଟେ । ସେଥିପାଇଁ ତ କୁହାଯାଇଛି କି, ନମାଜ ହେଉଛି ମୋମିନ୍ ର ମେରାଜ୍ (ଅର୍ଥାତ ପାହାଚ) ଏବଂ ତାହା ମାଧ୍ୟମରେ ଖୁଦାଙ୍କ ପର୍ଯ୍ୟନ୍ତ ପହଂଚା ଯାଇପାରେ ।

*ମଲ୍‌ଫୁଜାତ୍ ଖଣ୍ଡ-୮, ପୃ- ୩୦୯, ୩୧୦*

ସୁତରାଂ ଯଦି ଆମ ମସଜିଦ୍ ଗୁଡ଼ିକ ତିଆରି ହେବ ତେବେ ଏହିଭଳି ନମାଜ ପଢ଼ିବା ପାଇଁ ମସଜିଦ ତିଆରି ହେଉ । ଆମେ ମସଜିଦ ତିଆରି କରିବା ପ୍ରତି ଧ୍ୟାନ ଦେଉଛେ ତ ଏଥିପାଇଁ କି ଉପରକ୍ତ ମେରାଜ୍‌କୁ ହାସଲ କରିବା ପାଇଁ । ଏହା ଆମର ମେରାଜ ହେବା ଉଚିତ ଏହା ହେଉଛି ସେହି ମାଧ୍ୟମ ଯାହା ଦ୍ୱାରା ଖୁଦାତାଲା ପର୍ଯ୍ୟନ୍ତ ପହଂଚା ଯାଇପାରେ ଏବଂ ଖୁଦାତାଲାଙ୍କ ସହିତ ବାର୍ତାଳାପ କରିବାର ଅବସର ମିଳିଥାଏ ତେଣୁ ନିରାଶ ହେବା ଉଚିତ ନୁହେଁ ଯେ, ଏ ସ୍ତର କିପରି ଆମକୁ ମିଳିବ । ସୁତରାଂ ଅନବରତ ଚେଷ୍ଟା ଦ୍ୱାରା ହିଁ ଏହି ପଦମର୍ଯ୍ୟାଦା ଅଲ୍ଲାଃ ତାଲା ଦେଇଥାନ୍ତି ।

ଅନେକ ଲୋକ ଏବେ ମଧ୍ୟ ପ୍ରଶ୍ନ ପଚାରୁଛନ୍ତି, ମୋତେ ମଧ୍ୟ ଲେଖୁଛନ୍ତି ଯେ ନମାଜରେ ଧ୍ୟାନ ରହୁନାହିଁ ତେଣୁ ଏହାର ଉପଚାର ହେଉଛି ଏପରି କି ଚେଷ୍ଟା କରି ବାରମ୍ବାର ଧ୍ୟାନକୁ କାୟମ ରଖନ୍ତୁ । ହଜରତ ମସିହ ମଉଦ ଆ:ସଙ୍କ ମଜ୍‌ଲିସ୍‌ରେ କେହି ଜଣେ ଏହି ପ୍ରଶ୍ନ ପଚାରିଥିଲେ ଯେ, ମୋ ମନ ଆଜିକାଲି ଏପରି ଅସ୍ଥିର ରହିଛି ଯେ, ନମାଜରେ କୌଣସି ମଜା ମିଳୁନାହିଁ ଓ ଧ୍ୟାନ ରହୁନାହିଁ । ତେଣୁ ମୁଁ ସେଥିପାଇଁ ଭୀଷଣ ଦୁଃଖ ଅନୁଭବ କରୁଛି କାରଣ ଥରେ ନମାଜର ମଜା ମୁଁ ଚାଖି ସାରିଛି । ବିନା କାରଣ ରେ ଶଂକା ସୃଷ୍ଟି ହେଉଅଛି ଯଦିଚ ସେ ସବୁକୁ ବହୁ ମାତ୍ରାରେ ରଦ୍ଦ କରିଦେଉଛି ତେବେ ମଧ୍ୟ ସନ୍ଦେହ ପିଛ ଛାଡୁନାହିଁ କ'ଣ କରିବି ? ହଜରତ ମସିହ ମଉଦ କହିଲେ ଯେ, ଏହା ମଧ୍ୟ ଖୁଦାତାଲାଙ୍କ କୃପା ଓ ବଦାନ୍ୟତା ଯେ, ମଣିଷ ସେହି ସନ୍ଦେହର ଆୟତରେ ରହୁନାହିଁ । ଅର୍ଥାତ ସନ୍ଦେହ ତ ସୃଷ୍ଟି ହେଉଅଛି ଆପଣ ମାନଙ୍କୁ ଏହାର ଅନୁଭବ ହୋଇଯାଇଛି ତେଣୁ ତାକୁ ନିଜ ଉପରେ ବିଜୟ ପ୍ରଦାନ କରିବାକୁ ଦେଲେ ନାହିଁ । ପୁଣି କହୁଛନ୍ତି ଯେ, ଯେତେବେଳେ ଏହିଭଳି ପରିସ୍ଥିତି ଥିବ କି, ମଣିଷ ସେହି ସନ୍ଦେହକୁ ନିଜ ଉପରେ ବିଜୟ ପ୍ରାପ୍ତ ହେବାକୁ ଦେଇନଥାଏ ସେତେବେଳେ ସେ ମଧ୍ୟ ପୂଣ୍ୟ ଅବସ୍ଥାରେ ଥାଏ । ଅଲ୍ଲାଃ ତାଲା ତାକୁ ଏହାର ପୂଣ୍ୟ ପ୍ରଦାନ କରିଥାନ୍ତି କେଡ଼େ ଦୟାଳୁ ଓ କୃପାଳୁ ଈଶ୍ୱର ଅଟନ୍ତି । ପୁଣି କହୁଛନ୍ତି ଯେ, ***ନଫସେ ଅମାରା*** ଅବସ୍ଥାରେ ଥିବା ଲୋକମାନଙ୍କୁ ତ ଏକଥା ଜଣା ନାହିଁ ଯେ, କୁକର୍ମ କ'ଣ ସେ ତ' କୁକର୍ମକୁ କରିଚାଲିଥାଏ ତେଣୁ ତାକୁ କିଛି ଜଣାପଡ଼ିନଥାଏ । ***ନଫସେ ଲୌୱାମା*** ଅବସ୍ଥାରେ ରହି ଯିଏ ଖରାପ କାର୍ଯ୍ୟ କରିଥାଏ ସେ ଉକ୍ତ ଖରାପ କାର୍ଯ୍ୟକୁ ସର୍ବଦା ବ୍ୟତିବ୍ୟସ୍ତ ହୋଇପଡ଼େ ଏବଂ ଲଜ୍ଜା ଅନୁଭବ କରେ । ସୁତରାଂ ନଫଓେ ଲୌୱାମା ଅବସ୍ଥାରେ ଯଦି ନିଜ କୁକାର୍ଯ୍ୟ ଯୋଗୁଁ ଲଜ୍ଜିତ ହୁଏ, ବ୍ୟତିବ୍ୟସ୍ତ ହୋଇପଡ଼େ, ଏକଥାକୁ ଅନୁଭବ କରେ ତେବେ ତାହାକୁ ସେ ଝାଡ଼ି ଦିଏ ତାହାର ପୂଣ୍ୟ ମଧ୍ୟ ଅଲ୍ଲାଃ ତାଲା ପ୍ରଦାନ କରିଥାନ୍ତି ଫଳତଃ ସେ ବହୁତ ଲଜ୍ଜିତ ହୋଇଥାଏ ଓ ତୌବା (ପ୍ରଶ୍ଚାତାପ) କରିଚାଲେ । ଏହି ଭଳି ବ୍ୟକ୍ତି ନିଜ ମନର ଗୁଲାମ ନୁହେଁ । ପୁଣି କହୁଛନ୍ତି ଯେ, ବ୍ୟତିବ୍ୟସ୍ତ ହେବାର କୌଣସି କଥା ନାହିଁ । ଯଦି ମନଭାବ ଏବଂ ସଂଷୟ ଆପଣାଛାଏ ଆସିଯାଉଛି ଏବଂ ପୁଣି ସେ ସବୁକୁ ଦୁର କରିବା ପାଇଁ ଚେଷ୍ଟା କରୁଛ ତେବେ ତୁମକୁ ତାହାର ପୂଣ୍ୟ ମିଳିଯାଏ । ଅଲ୍ଲାଃ ତାଲା ସେ ସବୁ ର ମଧ୍ୟ ପୂଣ୍ୟ ପ୍ରଦାନ କରିଥାନ୍ତି । ଏହିପରି ବ୍ୟକ୍ତି ନିଜ ନଫସ୍‌ର ଗୁଲାମ ନୁହେଁ ଓ ଏହିଭଳି ଅବସ୍ଥାରେ ରହିବା ଏକପ୍ରକାରର ଜରୁରୀ ମଧ୍ୟ ଅଟେ । ତେଣୁ ସେଥିରେ ମନ ଦୁଃଖ କରିବା ଉଚିତ ନୁହେଁ କାରଣ ତା ଭିତରେ ବଡ଼ବଡ଼ ପୂଣ୍ୟ ନିହିତ ଅଛି ଏପରିକି ଅଲ୍ଲାଃ ତାଲା ସ୍ୱୟଂମ ଜ୍ୟୋତି ଏବଂ ସ୍ଥିରତା ଅବତୀର୍ଣ୍ଣ କରୁଛନ୍ତି । ଖୁଦାଙ୍କ କରୁଣାର ସମୟ ଆସୁଅଛି ଏବଂ ଏକପ୍ରକାରର ଶୀତଳତା ଅନୁଭବ ହୋଇଥାଏ ଏବଂ ସେହି କଥା ପବନରେ ମିଶିଯାଏ । ତେଣୁ ମନୁଷ୍ୟକୁ ଥକି ଯିବା ଉଚିତ ନୁହେଁ । ସଜ୍‌ଦା ରେ ***ୟା ହୟୁ ୟା କୟୁମୁ ବି ରହମତିକା ଅସ୍ତଗିସ୍*** ବହୁତ ପାଠ କରନ୍ତୁ । ପୁଣି କହୁଛନ୍ତି ସଜ୍‌ଦା ରେ ***ୟା ହୟୁ ୟା କୟୁମୁ ବି ରହମତିକା ଅସ୍ତଗିସୁ*** ବହୁତ ପାଠ କରନ୍ତୁ । କିନ୍ତୁ ମନେ ରଖନ୍ତୁ ଯେ, ଶୀଘ୍ରଶୀଘ୍ର କରିବା ଭୟଙ୍କର ହୋଇଥାଏ ତେଣୁ ଶୀଘ୍ରତା ଦେଖାଅ ନାହିଁ । ଇସ୍‌ଲାମ୍‌ରେ ମଣିଷକୁ ବାହାଦୁର ହେବାକୁ ପଡ଼ିଥାଏ ଯିଏ ଶୀଘ୍ରତା ଦେଖାଇଥାଏ ସେ ବାହାଦୁର ନୁହେଁ, ସେ ହେଉଛି କାପୁରୁଷ । ବର୍ଷବର୍ଷର ପରିଶ୍ରମ ଏବଂ କଷ୍ଟ ପରେ ଶେଷରେ ସୈତାନ୍‌ର ଆକ୍ରମଣ ଦୁର୍ବଳ ହୋଇଯାଇଥାଏ ଫଳତଃ ସେ ପଳାୟନ କରିଥାଏ ।

*ମଲ୍‌ଫୁଜାତ୍ ଖଣ୍ଡ-୭, ପୃ-୩୪୭*

ସୁତରାଂ ଏହି ମୂଳ କଥାକୁ ସର୍ବଦା ମନେ ରଖିବା ଉଚିତ ଯେ ଶିଘ୍ରତା ଦେଖାଇବା ଉଚିତ ନୁହେଁ ବରଂ ନିରନ୍ତର ଭାବେ ଅଲ୍ଲାଃଙ୍କୁ ଧରି ରଖିବା ଉଚିତ । ତା ସମ୍ମୁଖରେ ନଇଁ ରହିବାକୁ ହେବ । ଶେଷରେ ଦିନେ ସଇତାନ୍ ହାରିଯାଇ ପଳାଇବ କିନ୍ତୁ ଯଦି ଶିଘ୍ରତା ଦେଖାଇବ, ନମାଜକୁ ସମ୍ପୁର୍ଣ୍ଣ ରୂପେ କାଏମ୍ ରଖିବା ପାଇଁ ଚେଷ୍ଟା ନ କରିବ ତେବେ ପୁଣି ମଣିଷ ସଇତାନ ପଞ୍ଝା (ଆୟତ) ତଳେ ଆସିଯିବ । ସାଧାରଣତଃ ଦେଖିବାକୁ ଏହା ମିଳିଥାଏ ଯେ ମଣିଷ ହେଉଛି

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଆତୁର । ଶିଘ୍ର ଫଳ ନ ମିଳିଲେ କହିଥାଏ ଯେ ଦୁଆ କରିବାର କିଛି ଲାଭ ମିଳିଲା ନାହିଁ । ଏକଥା ମନେ ରଖିବା ଉଚିତ ଯେ ମଣିଷ ଯଦି କେବଳ ସାଂସାର ହିଁ ସଂସାର ମାଗିଥାଏ (ଅର୍ଥାତ ସାଂସାରିକ ସୁଖ ସମ୍ପଦ ଇତ୍ୟାଦି ଭୌତିକ ବସ୍ତୁକୁ ମାଗିଥାଏ) ତେବେ ଏପରି ଦୁଆଗୁଡ଼ିକୁ ଅଲ୍ଲାଃ ତାଲା କୁବୁଲ୍ (ଅର୍ଥାତ ଗ୍ରହଣ) କରିନଥାନ୍ତି । ହଁ ଅଲ୍ଲାଃ ତାଲାଙ୍କଠାରୁ ନିଜର ଆଧାତ୍ମିକ ଓ ଧାର୍ମିକ ଉନ୍ନତି ମଗାଯାଉ । ଅଲ୍ଲାଃ ତାଲାଙ୍କ ସାନ୍ନିଧ ମଗାଯାଉ, ତେବେ ଯାଇ ପୁଣି ଅଲ୍ଲାଃ ତାଲା ନିକଟକୁ ଆସିଥାନ୍ତି ଓ ପୁଣି ସେହି ବ୍ୟକ୍ତିର ସାଂସାରିକ ଆବଶ୍ୟକତାକୁ ମଧ୍ୟ ପୂରଣ କରିଦେଇଥାନ୍ତି । ସୁତରାଂ ଅଲ୍ଲାଃ ତାଲାଙ୍କଠାରୁ ମାଗିବାପାଇଁ ମଧ୍ୟ କିଛି ଶୈଳୀ ଓ ନିତି ରହିଛି, ତା' ଉପରେ ପରିଚାଳିତ ହେବାକୁ ପଡ଼ିବ । ଏପରି କେମିତି ହୋଇପାରେ ଯେ ଅଲ୍ଲାଃ ତାଲା ଗୋଟିଏ ପଟେ ଏକଥା କହୁଛନ୍ତି ଯେ ***ଉଦ୍‌ଉନି ଅସ୍‌ତଯିବ୍‌ଲକୁମ୍*** ଅର୍ଥାତ ତୁମେ ମତେ ଡ଼ାକ ମୁଁ ତୁମର ପ୍ରାର୍ଥନା ଶୁଣିବି ଓ ଅନ୍ୟପଟେ ଭକ୍ତ ଡ଼ାକୁଛି କିନ୍ତୁ ଅଲ୍ଲାଃ ଶୁଣୁ ହିଁ ନାହିଁ । ହଜରତ ମସିହ ମଉଦ ଆ:ସ ଏହି ବିଷୟକୁ ବର୍ଣ୍ଣନା କରି କହୁଛନ୍ତି ଯେ:

ନମାଜ୍‌ରେ ଦୁଆ ଓ ଦରୁଦ୍ ରହିଛି । ଏହା ଆରବୀ ଭାଷାରେ ଅଛି । କିନ୍ତୁ ତୁମକୁ ନମାଜରେ ନିଜ ଭାଷାରେ ପ୍ରାର୍ଥନା କରିବା ପାଇଁ ମନା ନାହିଁ । ଖୁଦାଙ୍କର ହୁକୁମ୍ ଏହା କି ନମାଜ ହେଉଛି ତାହା ଯେଉଁଥିରେ ବିନୟଭାବ ଓ ଆତ୍ମସର୍ମପଣ ଥିବ । ବିନୟଭାବ ସୃଷ୍ଟିକର, ହୃଦୟକୁ ନମ୍ର କର । ହୃଦୟ ଭିତରେ ଏ ଭୟ ରହୁ ଯେ ଅଲ୍ଲାଃଙ୍କ ସମ୍ମୁଖରେ ଛିଡ଼ା ହୋଇଛି ତା'ଠାରୁ ମାଗୁଅଛି । ଏହିପରି ଲୋକମାନଙ୍କ ପାପ ଦୂର ହୋଇଥାଏ । କହୁଛୁ ଯେ ଏହିପରି ଲୋକଙ୍କ ପାପ ଦୂର ହୋଇଥାଏ ଯେଉଁମାନେ ବିନୟି ହୋଇଥାନ୍ତି । ସୁତରାଂ (ଅଲ୍ଲାଃ ତାଲା) କହିଲେ ***ଇନ୍ନଲ୍ ହସନାତି ୟୁ ଜ୍ ହିବ୍‌ନସ୍ ସୟେଆତ*** ଅର୍ଥାତ ପୂଣ୍ୟକର୍ମ ପାପକୁ ଦୂର କରିଦେଇଥାଏ । ଏଠାରେ ହସନାତ୍‌ର ଅର୍ଥ ହେଉଛି ନମାଜ୍, ଓ ତାହାକୁ ବିନୟି ହୋଇ ନିଜ ଭାଷାରେ ମାଗିବା ଦ୍ୱାରା ହାସଲ ହୋଇଥାଏ । ଅର୍ଥାତ ଯେଉଁ ବିନୟତା ସୃଷ୍ଟି ହୋଇଥାଏ, ତାହା ଦ୍ୱାରା ମଣିଷର ହୃଦୟ ତରଳି ଯାଇଥାଏ । ଏହା ନିଜ ଭାଷାରେ ମଣିଷ ମାଗିବା ଦ୍ୱାରା ହିଁ ହାସଲ ହୋଇଥାଏ । ବୁଝୁଥିବ ଯେ କଣ ମାଗୁଅଛି । ତେଣୁ କହିଲେ ଯେ ନିଜ ଭାଷାରେ ଦୁଆ କର । ପୁଣି ଆପଣ ଆ:ସ କହୁଛନ୍ତି ଯେ ଅଲ୍ଲାଃ ତାଲା ଯେଉଁ ଦୁଆ ଶିଖାଇଛନ୍ତି ସେହି ଦୁଆ ମଧ୍ୟ ବହୁତ ଜରୁରୀ ତେଣୁ ତାହା ପଢ଼ିବା ଉଚିତ । ସେଥି ମଧ୍ୟରୁ ଉତମ ଦୁଆ ହେଉଛି ସୁରଃ ଫାତିହା କାରଣ ତାହା ହେଉଛି ବ୍ୟାପକ ଦୁଆ । ସୁରଂ ଫାତିହାରେ ଅଲ୍ଲାଃ ତାଲା ଆମକୁ ଏକ ଦୁଆ ଶିଖାଇଛନ୍ତି ***ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍*** । ଏହାର ଅର୍ଥ ବହୁତ ବ୍ୟାପକ । ଏହାକୁ ସୃଷ୍ଟିକରି ଆପଣ ଆ:ସ କହୁଛନ୍ତି ଯେ ଯେତେବେଳେ ଜମିଦାରକୁ ଜମିଦାରୀ କରିବାର ଶୈଳୀ ଆସିଯାଏ ସେତେବେଳେ ସେ ଜମିଦାରୀର ସିଧା ମାର୍ଗରେ ପହଂଚିଯାଇଥାଏ । ଅର୍ଥାତ ଯିଏ ଜମିଦାର ପ୍ରଥମତଃ ତାକୁ ଚାଷବାସ କରିବାର ଶୈଳୀ ଆସିଯାଇଥାଏ । ଜମିଦାରୀ କାର୍ଯ୍ୟକୁ ସମ୍ପାଦନ କରିବା ଶିଖିଯାଏ, ହଳ କରିବା ଆସିଯାଏ । ଶସ୍ୟ ବୁଣିବା / ଲଗାଇବା ଆସିଯାଏ, କେତେବେଳେ ସାର ଲଗାଯିବ ତାହା ଜାଣିଯାଏ, କେତେବେଳେ ପାଣି ଦିଆ ହେବ, କେତେବେଳେ ସ୍ପ୍ରେ (ଔଷଧ ସିଚଂନ) କରାଯାଏ ଇତ୍ୟାଦି କାର୍ଯ୍ୟ ସେ ଶିଖାଯାଏ । କହୁଛନ୍ତି କି ଏପରି ଅବସ୍ଥାରେ ସେ ସିଧାମାର୍ଗରେ ପହଂଚିଯାଇଥାଏ । ସେ ତା କ୍ଷେତ୍ରରେ ସିଧା ମାର୍ଗରେ, ଜମିଦାରର ସିଧାମାର୍ଗରେ । ଏହିପରି ତୁମେ ଖୁଦାଙ୍କୁ ସାକ୍ଷାତ କରିବାର ସିଧା ମାର୍ଗକୁ ଅନ୍ୱେଷର କର ଓ ଦୁଆ କର ଯେ ହେ ଅଲ୍ଲାଃଙ୍କ ମୁଁ ତୁମର ଜଣେ ପାପି ଉକ୍ତ ନିବେଦନ କରୁଛି ଯେ ମୋତେ ମାର୍ଗଦର୍ଶନ କରାଅ । ଛୋଟରୁ ଛୋଟ ଓ ବଡ଼ରୁ ବଡ଼ ସମସ୍ତ ଆବଶ୍ୟକତା ବିନା କୌଣସି ସଂଙ୍କୋଚରେ ଖୁଦାଙ୍କଠାରୁ ମାଗ କାରଣ ଅସଲ ପ୍ରଦାନକାରୀ ହେଉଛି ସେ । ସେ ହିଁ ଦେଇଥାଏ । ବହୁତ ପୂଣ୍ୟବାନ ହେଉଛି ଯେ ଯିଏ ବହୁତ ଦୁଆ କରିଥାଏ କାରଣ ଯଦି କୌଣସି ବହୁତ ବଡ଼ କଞ୍ଜୁସ ଲୋକର କବାଟ ପାଖରେ ଅର୍ଥାତ ଦ୍ୱାରଦେଶରେ ଯାଇ ଜଣେ ଭିକାରୀ ପ୍ରତ୍ୟେକ ଦିନ ଭିକ୍ଷା ମାଗେ, ତେବେ ପରିଶେଷରେ ଦିନେ ସେହି (କଞ୍ଜୁସ) ଲୋକଙ୍କୁ ଲଜ୍ଜା ଲାଗିବ । (ଫଳତଃ ସେ କିଛି ନା କିଛି ଦେଇଦେବ) ତେବେ ଯଦି ଜଣେ ଖୁଦାଙ୍କଠାରୁ ମାଗେ, ଏପରି ଖୁଦା ଯିଏ ଅତ୍ୟନ୍ତ ଦୟାଳୁ ଅଟନ୍ତି, ଏପରି ଦୟାଳୁ ଯାହାର ଦୃଷ୍ଟାନ୍ତ ନାହିଁ ସେଠାରୁ ସେ କାହିଁକି ପାଇବ ନାହିଁ । ସୁତରାଂ ମାଗିବାବାଲା କେବେ ନା କେବେ ନିଶ୍ଚିତ ରୂପେ ପାଇଥାଏ । ନମାଜର ଦ୍ୱିତୀୟ ନାମ ହେଉଛି ଦୁଆ ଯେପରି (ଅଲ୍ଲାଃ ତାଲା) କହୁଛନ୍ତି ***ଉଦ୍‌ଉନି ଅସ୍‌ତ ଯିବ୍‌ଲକୁମ୍*** ଅର୍ଥାତ ତୁମେ ମତେ ଡ଼ାକ ମୁଁ ତୁମର ପ୍ରାର୍ଥନା ଶୁଣିବି । ପୁଣି ଅଲ୍ଲାଃ ତାଲା କହୁଛନ୍ତି: ***ୱଇଜା ସାଲକା ଇବାଦୀ ଅନ୍ନି ଫଇନ୍ନି କରିବୁନ୍ ଉଜିବୁ ଦାୱତଦ୍ ଦାଇ ଇଜା ଦାଆନି ।*** ଅର୍ଥାତ ଯେତେବେଳେ ମୋ ଉକ୍ତ ମୋଠାରୁ ମାଗିଥାଏ, ସେତେବେଳେ ମୁଁ ତା ନିକଟରେ ଥାଏ ମୁଁ ଡ଼ାକିବାବାଲା ପ୍ରାର୍ଥନାକୁ ଶୁଣିଥାଏ ଯେତେବେଳେ ସେ ଡ଼ାକିଥାଏ । ଆପଣ ଆ:ସ କହୁଛନ୍ତି ଯେ କିଛି ଲୋକ ଏପରି ଅଛନ୍ତି ଯିଏ ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ସନ୍ଦେହ କରୁଛନ୍ତି । କିନ୍ତୁ ଅଲ୍ଲାଃ ତାଲା କହୁଛନ୍ତି ଯେ ମୋ ଅସ୍ତିତ୍ୱର ଲକ୍ଷଣ ହେଉଛି ଏହା କି ତୁମେ ମତେ ଡ଼ାକ, ମୁଁ ତୁମର ଡ଼ାକ ଶୁଣିବି, ତୁମର ଉତର ଦେବି ଓ ତୁମକୁ ସ୍ମରଣ କରିବି । ଯଦି ଏକଥା କୁହା ଯେ ଲୋକମାନେ କହୁଛନ୍ତି ଯେ ଆମେ ବହୁତ ଡ଼ାକୁଛୁ କିନ୍ତୁ ସେ ଉତର ଦେଉନାହିଁ । ଏଥିରେ ଆପଣ ଆ:ସ କହୁଛନ୍ତି ଦେଖ ତୁମେ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ଏପରି ଜଣେ ବ୍ୟକ୍ତିଙ୍କୁ ଡ଼ାକୁଅଛ ଯିଏ ତୁମଠାରୁ ବହୁତ ଦୁରରେ ଅଛି । ପ୍ରଥମତଃ ଦୁରତା ରହିଛି ଦ୍ୱିତୀୟତଃ ତୁମ ନିଜ କାନରେ କିଛି ତୃଟି ଅଛି, କାନ ଟିକିଏ ଖରାପ ଅଛି ତେଣୁ ଶୁଣି ପାରୁନାହିଁ । ଯେଉଁ ବ୍ୟକ୍ତିଙ୍କୁ ତୁମେ ଦୂରରେ ରହି ଡ଼ାକୁଅଛ ସେ ତୁମ ଡ଼ାକକୁ ଶୁଣି ପାରୁନାହିଁ । ଯେଉଁ ବ୍ୟକ୍ତିଙ୍କୁ ତୁମେ ଦୂରରେ ରହି ଡ଼ାକୁଅଛ ସେ ତୁମ ଡ଼ାକକୁ ଶୁଣି ଯେବେ ଦୂରରୁ ତୁମର ଉତର ଦେବ । ତେବେ ମଧ୍ୟ ତୁମ କାନରେ ଦୋଷ/ତୃଟି ରହିଛି ତେଣୁ ଦୂରରୁ ଶବ୍ଦ ଶୁଣି ପାରିବ ନାହିଁ । ସୁତରାଂ ସେ କହିଲେ ଯେ ଯେତେ ମାତ୍ରାରେ ତୁମ ମଧ୍ୟରେ ଥିବା ଦୁରତା, ପର୍ଦ୍ଦା ଓ ଆଡୁଆଳ ଦୂର ହୋଇ ଚାଲିବ (ସେତେମାତ୍ରାରେ) ତୁମେ ନିଶ୍ଚିତ ରୂପେ ଶୁଣି ଚାଲିବ । ଅଲ୍ଲାଃ ତାଲାଙ୍କ ନିକଟକୁ ଆସିବା ପାଇଁ ଯେତେ ଚେଷ୍ଟା କରିବ ତାହାଙ୍କ ଶବ୍ଦ ମଧ୍ୟ ଶୁଣିନେବ । ପୁଣି କହୁଛନ୍ତି ଯେ ଯେବେଠାରୁ ସଂସାରର ସୃଷ୍ଟି ହେଲାଣି, ଏକଥା ପ୍ରମାଣିତ ହୋଇ ସାରିଛି ଯେ ସେ (ଅର୍ଥାତ ଈଶ୍ୱର) ନିଜ ବିଶେଷ ଭକ୍ତଙ୍କ ସହିତ ବାର୍ତାଳାପ କରିଥାଏ । ଯଦି ଏପରି ନ ହୋଇଥାନ୍ତା ତେବେ ଧିରେ ଧିରେ ସମ୍ପୁର୍ଣ୍ଣରୂପେ ଏକଥା ଉଠିଯାଇଥାନ୍ତ କି ତାହାର (ଅର୍ଥାତ ଈଶ୍ୱରଙ୍କ) ଅସ୍ତିତ୍ୱ ଅଛି ମଧ୍ୟ । ସୁତରାଂ ଖୁଦାଙ୍କ ଅସ୍ତିତ୍ୱର ପ୍ରମାଣର ସବୁଠାରୁ ସଠିକ ମାଧ୍ୟମ ହେଉଛି ଏହା କି ଆମେ ତାଙ୍କ ଶବ୍ଦକୁ ଶୁଣିନେବା ବା ଦେଖିନେବା ବା ବାର୍ତାଳାପ କରିନେବା । ବା ଦେଖିନେବା ଅଥବା କଥା ହୋଇଯିବା । ସୁତରାଂ ଆଜିକାଲିର କଥା ହେବା ହିଁ ଦେଖିନେବା ସହିତ ସମାନ । ହଁ ଯେ ପର୍ଯ୍ୟନ୍ତ ଖୁଦା ଓ ତାହାଙ୍କ ଭକ୍ତଙ୍କ ମଧ୍ୟରେ କୌଣସି ପରଦା ରହିଛି ତେବେ ସେ ପର୍ଯ୍ୟନ୍ତ ଆମେ ଶୁଣିପାରିବା ନାହିଁ । ଯେତେବେଳେ ମଝିରେ ଥିବା ପର୍ଦ୍ଦା ଉଠିଯିବ ସେତେବେଳେ ତାହାର ଆବାଜ୍ ଶୁଣାଯିବ ।

*(ମଲ୍‌ଫୁଜାତ୍ ଖଣ୍ଡ-୭, ପୃ-୨୨୬-୨୨୭)*

ତେଣୁ ଏହି ମଝିରେ ଥିବା ପର୍ଦ୍ଦାକୁ ଉଠାଇବାର ଆବଶ୍ୟକତା ରହିଛି ଓ ଏହା ମଧ୍ୟ ଅଲ୍ଲାଃତାଲାଙ୍କର ପ୍ରତିଶୃତି ଯେ ଯିଏ ମୋ ଆଡକୁ ଗମ୍ଭୀର ଭାବେ ଆଗ୍ରହ ଦେଖାଇ ଆସିବ, ମୋର ଅସ୍ତିତ୍ୱର ବାସ୍ତବିକତାକୁ ବୁଝି ମୋ ଆଡକୁ ବଢ଼ିବ, ମୁଁ ମଧ୍ୟ ତା ଆଡକୁ ଆସିବି । ଏ କଥାକୁ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କହିଛନ୍ତି ଯେ ଅଲ୍ଲାଃତାଲାଙ୍କର ଏ ନିର୍ଦ୍ଦେଶ ରହିଛି କି ଯଦି ଭକ୍ତ ମୋ ଆଡକୁ ଗୋଟିଏ ପାଦ ଆସେ ତେବେ ମୁଁ ତା ଆଡକୁ ଦୁଇପାଦ ଆସିଥାଏ । ଯଦି ଭକ୍ତ ମୋ ଆଡକୁ ଚାଲିକରି ଆସେ ତେବେ ମୁଁ ତା ଆଡକୁ ଦଉଡି କରି ଯାଇଥାଏ । (ସହି ବୁଖାରୀ କିତାବୁଲ୍ ତୌହିଦ୍.....ହଦିସ୍ ୭୫୩୬)

ତେଣୁ ଯଦି କିଛି ଦୋଷ ଓ ତ୍ରୁଟି ରହିଛି ତେବେ ତାହା ଆମ ମଧ୍ୟରେ ହିଁ ରହିଛି । ସୁତରାଂ ଆମକୁ ଅଲ୍ଲାଃତାଲାଙ୍କ ଆଡକୁ ଯିବାର ଆବଶ୍ୟକତା ରହିଛି । ତାହାଙ୍କ ମାର୍ଗ ଅନ୍ୱେଷଣ କରିବା ଏବଂ ତାହାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମଧ୍ୟ ତାହାଙ୍କ ସାହାଯ୍ୟର ଆବଶ୍ୟକତା ରହିଛି । ଆମେ ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରିବାର ଦାବି କରୁଅଛେ ଆମ ପାଇଁ ଏହା ଜରୁରୀ ଅଟେ ଯେ ଅଲ୍ଲାଃତାଲାଙ୍କ ଆଡକୁ ଯିବା ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ଚେଷ୍ଟା କରିବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କେବଳ ଗୋଟିଏ କଥା ଉପରେ ପରିଚାଳିତ ହେବା ଯଥେଷ୍ଟ ନୁହେଁ ଯେମିତି ମସ୍‌ଜିଦ୍ ନିର୍ମାଣ କର ଯଦ୍ୱାରା ଇସ୍‌ଲାମ୍‌ର ପରିଚୟ ହୋଇଯିବ, ବରଂ ଏଥିପାଇଁ କାର୍ଯ୍ୟରେ ଚେଷ୍ଟା କରିବାର ମଧ୍ୟ ଆବଶ୍ୟକତା ରହିଛି ଏବଂ ତତ୍‌ସହିତ ପୁଣି ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗର ମଧ୍ୟ ଆବଶ୍ୟକତା ରହିଛି । ଯେତେବେଳେ ଚେଷ୍ଟା କରିବା ସହିତ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହଯୋଗ ମିଳିବ, ସେତେବେଳେ ଯାଇ ସଫଳତା ମିଳିବ । ସୁତରାଂ ଏକଥାକୁ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ:-

ମନେରଖ ଯେ ବୟତ ସମୟରେ ତୌବା କରିବାରେ ଗୋଟିଏ ବର୍‌କତ୍ ସୃଷ୍ଟି ହୋଇଥାଏ, ଯଦି ତାହା ସହିତ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ରଖିବାର ସର୍ତ ଲଗାଇ ଦିଆଯାଏ ତେବେ ଉନ୍ନତି ପରିଲକ୍ଷିତ ହୋଇଥାଏ । ବୟତ କରିନେଲି ବର୍‌କତ୍ ସୃଷ୍ଟି ହୋଇଗଲା । ତା ସହିତ ଏ ସର୍ତ ରହିଛି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବି, ତା ପରେ ପୁଣି ଉନ୍ନତି ମଧ୍ୟ ହୋଇଚାଲିବ, କିନ୍ତୁ ଏହାକୁ ଅଗ୍ରାଧିକାର ଦେବା ତୁମ ଅକ୍ତିଆର୍‌ରେ ନାହିଁ ତେଣୁ ଏଠାରେ ଐଶ୍ୱରିକ ସାହାଯ୍ୟ ସହଯୋଗର ଭୀଷଣ ଆବଶ୍ୟକତା ରହିଛି । ସେଥିପାଇଁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଦରକାର ଯେମିତି ଅଲ୍ଲାଃତାଲା କହୁଛନ୍ତି ଯେ *ୱଲ୍‌ଲଜିନା ଯାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା* ଅର୍ଥାତ୍ ଯେଉଁ ଲୋକମାନେ ଆମ ମାର୍ଗରେ ଚେଷ୍ଟା କରିଥାନ୍ତି ଚେଷ୍ଟା କରିଥାନ୍ତି ପରିଶେଷରେ ସେମାନେ ମାର୍ଗଦର୍ଶନ ଲଭିଥାନ୍ତି । ପୁଣି କହୁଛନ୍ତି ଯେ ଯେଉଁଭଳି ସେହି ଶସ୍ୟଟି ବିନା କୌଣସି ଚେଷ୍ଟା ଓ ବିନା କୌଣସି ପାଣିଦେବା ଦ୍ୱାରା ବେବର୍‌କତ୍ ରହିଥାଏ ଅର୍ଥାତ୍ ଜଣେ କୃଷକ ମଞ୍ଜି ବୁଣିଥାଏ ବା କୌଣସି ଜଣେ ବ୍ୟକ୍ତି ଲଗାଇଥାଏ । ଯଦି ସେହି ମଞ୍ଜିଟିକୁ (ଅଥବା ଚାରାଟିକୁ) ସଠିକ୍ ରୂପେ ପରିଶ୍ରମ କରି ଲାଳନ ପାଳନ ନ କରାଯାଏ, ତାକୁ ପାଣି ନଦିଆଯାଏ ତେବେ ତାହା ବେବର୍‌କତ୍ ରହିଥାଏ । ସେଥିରେ ସଠିକ୍ ବର୍‌କତ୍ ହୋଇନଥାଏ । ତାହା ଠିକ୍ ଭାବେ ଉଠିନଥାଏ ବା ଯଦି ଉଠିଥାଏ ତାହାହେଲେ ବହୁତ ଦୁର୍ବଳ ହୋଇଥାଏ ବରଂ ନିଜେ ତାହା ଶେଷ ହୋଇଯାଏ । ସେହିପରି ତୁମେମାନେ ମଧ୍ୟ ସେହି (ତୌବା) କରିବାର ଶପଥକୁ ପ୍ରତିଦିନ ମନେ ନ ପକାଇବ ତେବେ ହେ ଖୁଦା ଆମକୁ ସାହାଯ୍ୟ କର କହିବା ଦ୍ୱାରା

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ୱନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ମଧ୍ୟ ଅଲ୍ଲାଃଙ୍କର କୃପା ଅବତୀର୍ଣ୍ଣ ହେବନାହିଁ । ପୁଣି କହୁଛନ୍ତି ଯେ ବିନା କୌଣସି ଐଶ୍ୱରିକ ସାହାଯ୍ୟରେ ପରିବର୍ତ୍ତନ ଅସମ୍ଭବ । ଏହା ହୋଇନପାରେ ଯେ ଅଲ୍ଲାଃତାଲାଙ୍କ ସାହାଯ୍ୟ ବିନା କୌଣସି ପରିବର୍ତ୍ତନ ଆସିବ । ତେଣୁ ତାହାର ସାହାଯ୍ୟ ନେବାପାଇଁ ଓ ତା'ଠାରୁ କୃପା ମାଗିବା ପାଇଁ ନିଶ୍ଚିତ ରୂପେ ଦୁଆ କରିବାକୁ ପଡିବ । ପୁଣି କହୁଛନ୍ତି ଯେ ଚୋର, ବଦ୍‌ମାସ୍, ବେଭିଚାରି ଇତ୍ୟାଦି ଅପରାଧି ବ୍ୟକ୍ତି ବିଶେଷ ସବୁବେଳେ ଏପରି ରୁହନ୍ତି ନାହିଁ ବରଂ ବେଳେବେଳେ ତାଙ୍କୁ ନିଶ୍ଚିତ ରୂପେ ପଶ୍ଚାତାପ ହୋଇଥାଏ । ଏହି ଅବସ୍ଥା ପ୍ରତ୍ୟେକ ଖରାପ କାର୍ଯ୍ୟ କରୁଥିବା ଲୋକମାନଙ୍କର ହୋଇଥାଏ । ଏଥିରୁ ପ୍ରମାଣ ହେଉଛି ଯେ ମନୁଷ୍ୟ ମଧ୍ୟରେ ପୂଣ୍ୟ ଭାବନା ଜରୁର୍ ରହିଛି, ତେଣୁ ଏହି ଖିଆଲ୍ ପାଇଁ ତାକୁ ଐଶ୍ୱରିକ ସାହାଯ୍ୟ ସହଯୋଗର ଅତ୍ୟନ୍ତ ଆବଶ୍ୟକତା ରହିଛି । ସେଥିପାଇଁ ପାଂଚବେଳା ନମାଜରେ ସୁରଃ ଫାତିହା ପଢ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେଉଁଥିରେ *ଇୟାକା ନାବୁଦୁ ଏବଂ ପୁଣି ଇୟାକା ନସ୍‌ତଇନ୍* ଅର୍ଥାତ୍ ଆମେ ତୁମର ହିଁ ଉପାସନା କରୁଅଛୁ ଓ ତୁମଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ ।

ଏଥିରେ ଦୁଇଟି କଥା ପ୍ରତି ଇଙ୍ଗିତ କରାଯାଇଛି ଅର୍ଥାତ୍ ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟରେ ଶାରିରୀକ ଅଙ୍ଗପ୍ରତ୍ୟଙ୍ଗର ଶକ୍ତି, ଯୋଜନା ଏବଂ ଚେଷ୍ଟାଦ୍ୱାରା କାମ ନିଅନ୍ତୁ ଅର୍ଥାତ୍ ପ୍ରତ୍ୟେକ ପୂଣ୍ୟ କାର୍ଯ୍ୟକୁ କରିବା ପାଇଁ ଅଲ୍ଲାଃତାଲା ମନୁଷ୍ୟକୁ ଯେଉଁ ଶକ୍ତି ପ୍ରଦାନ କରିଛନ୍ତି, ଯେଉଁ ପ୍ରକାରର ଯୋଜନା ହୋଇପାରେ ଏବଂ ଯେଉଁ ପ୍ରକାର ଚେଷ୍ଟା କରାଯାଇପାରେ ତାହା କରିବାକୁ ହେବ । ଏହି ଇଶାରା ନାବୁଦୁ ଆଡକୁ ରହିଛି ଅର୍ଥାତ୍ ଉପାସନା କରିବା ଆଡକୁ କାରଣ ଯେଉଁ ବ୍ୟକ୍ତି କେବଳ ଦୁଆ କରିଥାଏ ଓ ଚେଷ୍ଟା କରିନଥାଏ ସେ ସଫଳ ହେବନାହିଁ । କେବଳ ଦୁଆ ଦ୍ୱାରା କାର୍ଯ୍ୟ ସାଧନ ହୁଏନାହିଁ, ତା ସହିତ ଚେଷ୍ଟା ମଧ୍ୟ କରିବାକୁ ହେବ । ଯେମିତି ଜଣେ କୃଷକ ମଞ୍ଜିଟିକୁ ବୁଣି ଯଦି ସେଥିପାଇଁ ଚେଷ୍ଟା ନକରେ ତେବେ ସେ କିପରି ଫଳ ପାଇଁ ଆଶା ରଖିବ । ଏହା ହେଉଛି ଅଲ୍ଲାଃତାଲାଙ୍କର ସୁନ୍ନତ୍ ଅର୍ଥାତ୍ କାର୍ଯ୍ୟଶୈଳୀ । ଯଦି ସେ ମଞ୍ଜିକୁ ବୁଣିଦେଇ ଦୁଆ କରିବ ତ ନିଶ୍ଚିତ ରୂପେ ସେଥିରୁ ବଂଚିତ ରହିବ । ଯଦି ତାକୁ ପାଣି ଦେବନାହିଁ, ଖୁସା ଖୁସି ନ କରିବ, ଯଦି ତାର ଦେଖଭାଲ କରିବ ନାହିଁ ତେବେ ନିଶ୍ଚିତ ରୂପେ ମଣିଷ ସେଥିରୁ ବଂଚିତ ରହିବ । ଉଦାହରଣ ସ୍ୱରୂପ ଦୁଇଜଣ କୃଷକ ଅଛନ୍ତି । ସେଥି ମଧ୍ୟରୁ ଜଣେ ବହୁତ ପରିଶ୍ରମ କରୁଛି, ବିଲକୁ ପାଣି ବୁହାଉଛି, ସେଥିରେ ଖୁସା ଖୁସି କରୁଛି ଓ ପରିଶ୍ରମ କରୁଛି ତେବେ ସେ ନିଶ୍ଚିତ ରୂପେ ସଫଳ ହେବ ଓ ଦ୍ୱିତୀୟ କୃଷକ ଜଣକ ପରିଶ୍ରମ କରୁନାହିଁ ବା ଯଦି କରୁଛି ଅଳ୍ପ କରୁଛି ତେବେ ସେ ସର୍ବଦା୍ ଅଳ୍ପ ଫଳ ପାଇବ ଅର୍ଥାତ୍ କମ୍ ମିଳିବ । ଯଦ୍ୱାରା ସେ ବୋଧହୁଏ ସରକାରଙ୍କ ଖଜଣା ମଧ୍ୟ ଦେଇପାରିବନାହିଁ । ଫଳତଃ ସେ ସର୍ବଦା ଦରିଦ୍ର ହୋଇ ରହିବ ସେହିପରି ଧର୍ମକାର୍ଯ୍ୟ ମଧ୍ୟ ରହିଛି । ସେଥିରେ ମୁନାଫିକ୍, ସେଥିରେ ନିକମା, ସେଥିରେ ପୁଣ୍ୟବାନ୍, ସେଥିରେ ସନ୍ଥ, ସେଥିରେ ୱଲି ଏବଂ ସେଥିରେ ଗୌସ୍ ହେଉଛନ୍ତି । ଲୋକମାନେ ଏକାପରି ନୁହଁନ୍ତି । ସେମାନଙ୍କ ମଧ୍ୟରେ ମୁନାଫିକ୍‌ମାନେ ମଧ୍ୟ ଜନ୍ମ ହେଉଛନ୍ତି, ନିକମା ଏବଂ  କାମ କରୁନଥିବା ବ୍ୟକ୍ତିମାନେ ମଧ୍ୟ ଅଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରେ ପୁଣ୍ୟବନ୍ତ ଲୋକମାନେ ବି ଅଛନ୍ତି ଯେଉଁମାନେ ଅବ୍‌ଦାଲ୍  ଅର୍ଥାତ୍ ମୁନିରଷି ହୋଇଯାଉଛନ୍ତି । କୁତୁବ୍ ହୋଇଯାଉଛନ୍ତି, ଗୌସ୍ ହୋଇଯାଉଛନ୍ତି ଏବଂ ଖୁଦାତାଲାଙ୍କ ନିକଟରେ ସ୍ଥାନ ପାଉଛନ୍ତି । ଏହାର ବିପରୀତ କେତେକ ଲୋକ ୪୦ ବର୍ଷ ଲେଖାଏଁ ନମାଜ ପଢ଼ିବା ସତ୍ତ୍ୱେ ମଧ୍ୟ ବର୍ତମାନ ସେହି ପ୍ରଥମ ଦିନରେ ହିଁ ଅବସ୍ଥିତ । କୌଣସି ପ୍ରକାର ଉନ୍ନତି ନାହିଁ ଏବଂ କୌଣସି ପ୍ରକାର ପରିବର୍ତନ ସେମାନଙ୍କ ମଧ୍ୟରେ ନାହିଁ । ୩୦ଦିନ ରୋଜା ରଖି ମଧ୍ୟ କିଛି ଲାଭ ପାଉନାହାଁନ୍ତି । ରମ୍‌ଯାନ୍ ପରେ ପୁଣି ଯଥାପୂର୍ବଂ ତଥାପରଂ ର ଅବସ୍ଥାକୁ ଆସିଯାଉଛନ୍ତି ।

ବହୁତ ଲୋକ କହୁଛନ୍ତି ଯେ ଆମେ ବଡ ମୁତ୍‌ତକି ଓ ବହୁ ଦିନ ହେବ ନମାଜ ପାଠ କରୁଅଛୁ, କିନ୍ତୁ ଆମକୁ ଐଶ୍ୱରିକ ସାହାଯ୍ୟ ମିଳୁନାହିଁ । ମୁତ୍‌ତକି ହେବାର ଦାବୀ ତ କରୁଛନ୍ତି ଓ ନମାଜ ପଢ଼ିବାର ଦାବୀ ତ କରୁଛନ୍ତି କିନ୍ତୁ ତା ସହିତ ଏକଥା ମଧ୍ୟ କହୁଛନ୍ତି ଯେ ଆମକୁ ଐଶ୍ୱରିକ ସାହାଯ୍ୟ ମିଳୁନାହିଁ । ଏହାର କାରଣ ହେଉଛି ଏହା କି ସେମାନେ ପ୍ରଥାନୁସାରେ ବା କେବଳ ଅନୁସରଣ କରି ଉପାସନା କରୁଛନ୍ତି । କେବଳ ବାହ୍ୟ ଉପାସନା କରାଯାଉଛି । ସେଥିରେ ଉନ୍ନତି ଆଣିବାର କେବେ ଚିନ୍ତା କରୁନାହାଁନ୍ତି । ପାପ କଥା ଭାବୁନାହାଁନ୍ତି ଅର୍ଥାତ୍ ଏ ଚେଷ୍ଟା କରୁନାହାଁନ୍ତି ଯେ ମୋ ଭିତରେ କ'ଣ କ'ଣ ପାପ ଭରିରହିଛି । ସଚ୍ଚା ତୌବା କରୁନାହାଁନ୍ତି । ସୁତରାଂ ସେମାନେ ପ୍ରଥମପାଦରେ ରହିଯାଉଛନ୍ତି । ଏଭଳି ବ୍ୟକ୍ତି ପଶୁଠାରୁ ବି କମ୍ ନୁହଁନ୍ତି, ମଣିଷ ଏବଂ ପଶୁ ମଧ୍ୟରେ କୌଣସି ଫରକ୍ ନାହିଁ । ଏହିଭଳି ନମାଜ ପଢ଼ିବା ଖୁଦାତାଲାଙ୍କ ତରଫରୁ ଧ୍ୱଂସ ଆଣିଦିଏ, ତାହା ଗ୍ରହଣୀୟ ହୁଏନାହିଁ ବରଂ ତାକୁ ତ ମୁହଁ ଉପରେ ମରାଯାଇଥାଏ । ନମାଜ ତ ହେଉଛି ତାହା ଯାହା ନିଜ ସହିତ ଉନ୍ନତି ନେଇ ଆସିବ, ଯେମିତି ଜଣେ ବୈଦ୍ୟଙ୍କ ନିକଟରେ ଜଣେ ରୋଗୀଙ୍କର ଅବସ୍ଥା ହୋଇଥାଏ । ପ୍ରଥମେ ଗୋଟିଏ ଔଷଧକୁ ସେ ଦଶଦିନ ବ୍ୟବହାର କରିଥାଏ ଓ ସେଥିରେ ଦିନକୁ ଦିନ ତାକୁ କ୍ଷତି ପହଂଚିଥାଏ । ଯେବେ ଏତେଦିନ ପରେ ତାକୁ କୌଣସି ଲାଭ ନମିଳେ ସେତେବେଳେ ରୋଗିଟି ସନ୍ଦେହ କରିଥାଏ ଯେ ଉକ୍ତ ଔଷଧ ଗୁଡିକ ନିଶ୍ଚିତ ରୂପେ ମୋ ମିଜାଜ୍ ମୁତାବକ ନାହିଁ । ତେଣୁ ଏହାକୁ ବଦଳାଇଦେବା ଉଚିତ୍ । ତେଣୁ ପ୍ରଥା ମୁତାବକ ନମାଜ ପଢ଼ିବା ଠିକ୍ ନୁହେଁ । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୨୫-୨୨୬) ଏହାକୁ ମଧ୍ୟ ବଦଳାଇବାକୁ ପଡିବ । ଏ ବିଷୟରେ ଚିନ୍ତା କରିବାକୁ ପଡିବ ଯେ ଏହାର କ'ଣ କାରଣ ରହିଛି । ଯେବେ କି ଅଲ୍ଲାଃତାଲାଙ୍କର ଏ ପ୍ରତିଶୃତି ଯେ ମୁଁ ସ୍ୱୟଂ ଦୁଆ ଗ୍ରହଣ କରିଥାଏ, ଯେବେ କି ମୋ ଦୁଆ ଗ୍ରହଣୀୟ ହେଉନାହିଁ । ସୁତରାଂ ଉପାସନା ହେଉଛି ତାହା ଯାହାଦ୍ୱାରା ଅଲ୍ଲାଃତାଲାଙ୍କ ସାନିଧ ହାସଲ ହୋଇଥାଏ ।

ପୁଣି ନମାଜ୍‌ର ବାସ୍ତବିକତାକୁ ବର୍ଣ୍ଣନାକୁ କରି ଆପଣ ଆ:ସ କହୁଛନ୍ତି ଯେ "ନମାଜ ଅସଲରେ ଏକ ଦୁଆ । ନମାଜର ଗୋଟିଏ ଗୋଟିଏ ଶବ୍ଦ ଦୁଆ ର ଚିହ୍ନ ହୋଇଥାଏ । ଯଦି ନମାଜରେ ମନ ନାହିଁ ତେବେ ଦଣ୍ଡ ପାଇବା ପାଇଁ ପ୍ରସ୍ତୁତ ରୁହ । କାରଣ ଯେଉଁ ବ୍ୟକ୍ତି ଦୁଆ କରୁନାହିଁ ସେ ଧ୍ୱଂସ ଆଡକୁ ହିଁ ନିଜେ ଯାଇଥାଏ । ଜଣେ ହାକିମ ତାକୁ ବାରମ୍ବାର ଏକଥା ସୂଚାଇ ଦେଇଥାନ୍ତି" ଅର୍ଥାତ୍ ଡାକି କହିଥାନ୍ତି "ଯେ ମୁଁ ଦୁଃଖୀ ଦରିଦ୍ରଙ୍କର ଦୁଃଖ ଉଠାଇଥାଏ" । ସରକାର ଏହା ଘୋଷଣା କଲେ ଯେ ମୁଁ ଦୁଃଖୀ ଓ ଦରିଦ୍ର ମାନଙ୍କର ଦୁଃଖ ହରଣ କରିଥାଏ । "ଅସୁବିଧାରେ ପଡିଥିବା ଲୋକମାନଙ୍କର ଅସୁବିଧାକୁ ଦୂର କରିଥାଏ । ମୁଁ ବହୁତ ଦୟା କରିଥାଏ, ଅସହାୟ ଲୋକଙ୍କୁ ସାହାଯ୍ୟ କରିଥାଏ, କିନ୍ତୁ ଜଣେ ବ୍ୟକ୍ତି ଯିଏ ଅସୁବିଧାରେ ଥିବା ସତ୍ତ୍ୱେ ମଧ୍ୟ ତାହାଙ୍କ ନିକଟ ଦେଇ ଯାଉଥିବା ସମୟରେ ତାଙ୍କର ଡାକକୁ ପରବାୟ କରେନାହିଁ ନା ନିଜର ଅସୁବିଧାକୁ ବର୍ଣ୍ଣନା କରି ତାଠାରୁ ସାହାଯ୍ୟ ମାଗିଥାଏ ତେବେ ଏପରି ଅବସ୍ଥାରେ ସେ ଧ୍ୱଂସ ହେବେନାହିଁ ତ ଆଉ କ'ଣ ହେବ ? ଏହିଭଳି ଅବସ୍ଥା ଖୁଦାତାଲାଙ୍କର ଯେ ସେ ତ ସବୁ ସମୟ ମଣିଷକୁ ଆରାମ ପହଂଚାଇବା ପାଇଁ ପ୍ରସ୍ତୁତ ରହିଛି, କିନ୍ତୁ ସର୍ତ ହେଉଛି ଏହା ଯେ କେହି ତାକୁ ତା'ଠାରୁ ସାହାଯ୍ୟ ଭିକ୍ଷା କରୁ । ଦୁଆ ଗ୍ରହଣୀୟ ହେବାପାଇଁ ଏହା ଜରୁରୀ ଅଟେ ଯେ ସେ ଅମାନ୍ୟକାରୀ ନହେଉ ଏବଂ ଦୁଆକୁ ବହୁତ ଭୀଷଣଭାବେ କରିଚାଲୁ କାରଣ ଯେତେବେଳେ ଗୋଟିଏ ପଥର ଉପରେ ଆଉ ଗୋଟିଏ ପଥର ଖୁବ୍ ଜୋର୍‌ରେ ପଡିଥାଏ, ସେତେବେଳେ ତା ଦେହରୁ ନିଆଁ ବାହାରିଥାଏ" । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୭୦)

ସୁତରାଂ ଯେତେବେଳେ ଏହିଭଳି ଅବସ୍ଥା ଆମ ନିଜ ଭିତରେ ସୃଷ୍ଟି କରିନେବା ଯେ ଆମ ନମାଜ ମଧ୍ୟ ଓ ଆମ କର୍ମ ମଧ୍ୟ ଖୁଦାତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ହୋଇଯିବ ତେବେ ପୁଣି ଖୁଦାତାଲା ମଧ୍ୟ ଆମର ଭୟକୁ ସର୍ବଦା ଶାନ୍ତିରେ ପରିବର୍ତ୍ତନ କରିଚାଲିବେ । ଏକଥା ସର୍ବଦା ମନେରଖନ୍ତୁ ଯେ ଏଠାକୁ ଆସି ଯାହାକିଛି ଆମକୁ ମିଳିଛି ତାହା ଅଲ୍ଲାଃତାଲାଙ୍କ କୃପାରୁ ହିଁ ମିଳିଛି ଓ ଏଥିରେ ଅଲ୍ଲାଃତାଲାଙ୍କ କୃପାଦ୍ୱାରା ହିଁ ବୃଦ୍ଧି ଘଟିବ । ତେଣୁ ଅଲ୍ଲାଃତାଲାଙ୍କ ଉପାସନା କରିବା ପ୍ରତି ଧ୍ୟାନ ଆକର୍ଷଣ କରିବା ଜରୁରୀ ଅଟେ ଓ ତାହାଙ୍କ ଭକ୍ତମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କରିବା ପାଇଁ ଚେଷ୍ଟା କରିବା ସହିତ ତା'ର କୃପାକୁ ହାସଲ କରିବା ପାଇଁ ଚେଷ୍ଟା କରିବା ଜରୁରୀ ଅଟେ । ଆପଣମାନେ ସ୍ୱୟଂ ନିଜ ନିଜର ଅନୁଶୀଳନ କରିପାରିବେ ଯେ କେତେ ମାତ୍ରାରେ ଆମେ ନମାଜ ସ୍ଥାପନ କରିବା ପାଇଁ ଚେଷ୍ଟା କରୁଅଛେ ? ଖୁଦାତାଲାଙ୍କ ସହିତ କେତେ ମାତ୍ରାରେ ସମ୍ପର୍କ ସ୍ଥାପନ ହୋଇଯାଇଛି ଓ ସେଥିପାଇଁ କେତେ ମାତ୍ରାରେ ଆମେ ଚେଷ୍ଟା କରୁଅଛେ ? କେତେ ମାତ୍ରାରେ ସମସ୍ତ ସାଂସାରିକ କାର୍ଯ୍ୟ ଆମ ନମାଜରେ ପ୍ରତିବନ୍ଧକ ସାଜୁଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ନିର୍ଦ୍ଦେଶକୁ ଆମେ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ କୁଫର୍ ଏବଂ ଇମାନ୍ ଅର୍ଥାତ୍ ଅମାନ୍ୟକାରୀ ଓ ବିଶ୍ୱାସକାରୀଙ୍କ ମଧ୍ୟରେ ଯେଉଁ ଜିନିଷ ଫରକ କରିଦେଇଥାଏ ତାହା ହେଉଛି ନମାଜକୁ ପରିତ୍ୟାଗ କରିବା (ସହି ମୁସ୍‌ଲିମ୍ କିତାବୁଲ୍ ଇମାନ୍....ହଦିସ୍ ୮୨)

କୁଫର୍ ଏବଂ ଇମାନ୍ ମଧ୍ୟରେ ଫରକ କେଉଁ ଜିନିଷ ଦ୍ୱାରା ହେବ ତାହା ନମାଜକୁ ଛାଡିଦେବା ଦ୍ୱାରା ହିଁ ହେବ । ସୁତରାଂ ଏହି ଉପଦେଶ ଆମକୁ ଦୋହଲାଇ ଦେବା ଉଚିତ୍ ଯେ ମୋମିନ୍ ହେଉଛି ସେ ବ୍ୟକ୍ତି ଯିଏ ନିୟମିତ ଭାବେ ନମାଜ ପାଠ କରେ ନଚେତ୍ ତା ମଧ୍ୟରେ ଓ ଜଣେ କାଫିର୍ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ନମାଜ ବାଜମାତ୍ ପଢ଼ିବା ଲୋକର ପୂଣ୍ୟ ମଧ୍ୟ ରହିଛି । ଅଲ୍ଲାଃତାଲା କେବଳ ଏକଥା କହିନାହାଁନ୍ତି ଯେ ନମାଜ ପଢ଼ ବରଂ ବାଜମାତ୍ ପଢ଼ିବା ପାଇଁ କହିଛନ୍ତି । ତା'ର ହକ୍‌କୁ ପ୍ରଦାନ କରି ପଢ଼ିବା ଦ୍ୱାରା ପଚିଶି ଗୁଣା ଓ ଆଉ କେତେକ ସ୍ଥାନରେ ୨୭ଗୁଣା ପୁଣ୍ୟ ମିଳିବାର ବର୍ଣ୍ଣନା କରାଯାଇଛି । (ସହି ବୁଖାରୀ, କିତାବୁଲ୍ ଅଜାନ୍....ହଦିସ୍ ୬୪୫-୬୪୬)

ଏହା ସତ୍ତ୍ୱେ ମଧ୍ୟ ଯଦି ବିନା କୌଣସି କାରଣରେ ଆମେ ଏଥିପ୍ରତି ଧ୍ୟାନ ନଦେବା ତେବେ ପୁଣି ଏହା ଆମର ଦୁର୍ଭାଗ୍ୟ ହେବ । ସୁତରାଂ ଯଦି ଆମେ ମସ୍‌ଜିଦ୍ ନିର୍ମାଣ କରିଛେ ତେବେ ମସ୍‌ଜିଦ୍‌ର ହକ୍‌କୁ ମଧ୍ୟ ପ୍ରଦାନ କରିବାର ଆବଶ୍ୟକତା ରହିଛି । ନିଜ ଉପାସନାର ସ୍ତରକୁ ମଧ୍ୟ ଉଚ୍ଚ କରିବାର ଆବଶ୍ୟକତା ରହିଛି । ନିଜର ମାଲି କୁର୍ବାନୀ ପ୍ରତି ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ନିଜେ ପୂଣ୍ୟ କରି ଓ ନିଜର ଚରିତ୍ରକୁ ଉଚ୍ଚ କରି ଅନ୍ୟମାନଙ୍କୁ ପୁଣ୍ୟ କର୍ମ କରିବା ପାଇଁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ନିଜେ ଏଠିକାର ପରିବେଶର କୁକର୍ମରୁ ବଂଚି ଅନ୍ୟମାନଙ୍କୁ ବଂଚାଇବାର ଆବଶ୍ୟକତା ରହିଛି ନଚେତ୍ ଆମର ଏହି ବୟତ୍ କରିବାର ପ୍ରତିଶୃତି କେବଳ ଶବ୍ଦ ହୋଇ ରହିଯିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ନିତୀବାଣୀକୁ ସର୍ବଦା ସମ୍ମୁଖରେ ରଖିବା ଉଚିତ୍ । ଆପଣ ଆ:ସ କହୁଛନ୍ତି:-

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ସୁତରାଂ ତୁମେମାନେ ଏପରି ହୋଇଯାଓ ଯେ ଖୁଦାତାଲାଙ୍କ ଇଚ୍ଛା ତୁମର ଇଚ୍ଛା ହୋଇଯାଉ ଓ ତାହାର ଖୁସିରେ ତୁମର ଖୁସି ହେଉ । ନିଜର କିଛି ମଧ୍ୟ ନରହୁ । ସବୁକିଛି ତା'ର ହୋଇଯାଉ । ସଫାଇର ଅର୍ଥ ହେଉଛି ଏହା କି ହୃଦୟ ଭିତରୁ ଖୁଦାତାଲାଙ୍କ କାର୍ଯ୍ୟ ଓ ବିଶ୍ୱାସର ବିରୋଧକୁ ଉଠାଇ ଦିଆଯାଉ । ଖୁଦାତାଲା ସେପର୍ଯ୍ୟନ୍ତ କାହାକୁ ସାହାଯ୍ୟ କରିନଥାନ୍ତି ଯେପର୍ଯ୍ୟନ୍ତ ସେ ନିଜେ ଦେଖି ନ ନିଏ ଯେ ତା'ର ଇଛା ମୋର ଇଛା ଓ ତା'ର ମର୍ଜି ମୋ ମର୍ଜିରେ ଲୀନ ନହୋଇଯାଇଛି ।

ପୁଣି କହୁଛନ୍ତି ଯେ ବହୁତ ବଡ ଜମାତ୍‌କୁ ଦେଖି କେବେ ଖୁସି ହୋଇନଯାଓ । ଏବେ ଯଦି ସେ ସମୟରେ ଯେତେବେଳେ ଆପଣ ଆ:ସ ଏକଥା କହୁଥିଲେ ଅହେମଦୀମାନଙ୍କର ସଂଖ୍ୟା ୪ଲକ୍ଷ ବୋଲି କୁହାଯାଉଥିଲା, ୪ ଲକ୍ଷ ବା ତା'ଠାରୁ ମଧ୍ୟ ଅଧିକ ଥିବ କିନ୍ତୁ ବାସ୍ତବିକ ଜମାତ୍‌ର ଅର୍ଥ ଏହା ନୁହେଁ ଯେ ହାତ ଉପରେ ହାତକୁ ରଖି କେବଳ ବୟତ କରିନେବା ବରଂ ଜମାତ୍ ସେତେବେଳେ ବାସ୍ତବିକ୍ ରୂପେ ଜମାତ୍ ବୋଲି ବୋଲାଇବ, ଯେତେବେଳେ ବୟତ୍‌ର ବାସ୍ତବିକତା ଉପରେ ପରିଚାଳିତ ହେବ । ସଠିକ୍ ରୂପେ ସେମାନଙ୍କ ମଧ୍ୟରେ ଏହାଙ୍କ ପବିତ୍ର ପରିବର୍ତନ ସୃଷ୍ଟି ହୋଇଯିବ ଓ ସେମାନଙ୍କ ଜୀବନ ପାପରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇଯିବ । ମନର ଅଭିଳାଶା ଏବଂ ସଇତାନ୍‌ର ଆୟତରୁ ବାହାରି ଖୁଦାତାଲାଙ୍କ ଇଛାରେ ଲୀନ ହୋଇଯିବ । ଅଲ୍ଲାଃଙ୍କ ହକ୍ ଏବଂ ପ୍ରାଣୀଜଗତର ହକ୍‌କୁ ଉନ୍ମୁକ୍ତ ହୃଦୟରେ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରିବ । ଧର୍ମପାଇଁ ଓ ଧର୍ମର ପ୍ରସାର ପ୍ରଚାର ପାଇଁ ତାଙ୍କ ମଧ୍ୟରେ ଏକ ଉତ୍କଣ୍ଠା ସୃଷ୍ଟି ହୋଇଯିବ । ନିଜର ଇଛା, ଅଭିଳାଶା ଓ କାମନାକୁ ଧ୍ୱଂସ କରି ଖୁଦାତାଲାଙ୍କର ହୋଇଯିବ । ଖୁଦାତାଲା କହୁଛନ୍ତି ଯେ ତୁମେ ପଥଭ୍ରଷ୍ଟ, କିନ୍ତୁ ଯାହାକୁ ମୁଁ ସତ୍‌ପଥ ଦେଖାଇବି । ତୁମେ ସମସ୍ତେ ହେଉଛ ଅନ୍ଧ କିନ୍ତୁ ଯାହାକୁ ମୁଁ ଜ୍ୟୋତି ପ୍ରଦାନ କରିବି । ତୁମେ ସମସ୍ତେ ହେଉଛ ମୃତ କିନ୍ତୁ ସେ ହେଉଛି ଜୀବିତ, ଯାହାକୁ ମୁଁ ଆଧାତ୍ମିକ ଜୀବନର ସର୍ବତ ପିଆଇବି । ମନୁଷ୍ୟକୁ ଖୁଦାତାଲାଙ୍କ ସତ୍‌ତାରି (ଅର୍ଥାତ୍ ଦୋଷ ଦୁର୍ବଳତାକୁ ଢ଼ାଙ୍କି ଦେବାର ବିଶେଷ ଗୁଣ) ଢ଼ାଙ୍କି ରଖିଥାଏ ନଚେତ୍ ଯଦି ଲୋକମାନଙ୍କ ଭିତରର ଅବସ୍ଥା ଓ ଅନ୍ତଃ ଅବସ୍ଥା ସଂସାର ସମ୍ମୁଖକୁ ଅଣାଯାଏ ତେବେ ସମ୍ଭବତଃ କେତେକ ଲୋକ ଆଉକେତେକ ଲୋକମାନଙ୍କ ନିକଟକୁ ଯିବାପାଇଁ ମଧ୍ୟ ପସନ୍ଦ କରିବେ ନାହିଁ । ଏହା ତ ଅଲ୍ଲାଃତାଲାଙ୍କ ସତ୍‌ତାରି ଯେ ସେ ଆମର ଦୋଷ ଦୁର୍ବଳତାକୁ ଘୋଡାଇ ଦେଇଛି । ଯଦି ଆମର ଦୋଷ ଦୁର୍ବଳତା ପରିପ୍ରକାଶ ହୋଇଯିବ ଓ ଅନ୍ୟଙ୍କଠାରେ ପ୍ରକାଶ ହେବା ଆରମ୍ଭ ହୋଇଯିବ ତେବେ ବୋଧହୁଏ କିଛି ଲୋକ ଅନ୍ୟ ଲୋକମାନଙ୍କ ନିକଟକୁ ମଧ୍ୟ ଯିବେନାହିଁ । କହୁଛନ୍ତି ଖୁଦାତାଲା ହେଉଛନ୍ତି ବହୁତ ବଡ ସତ୍‌ତାର୍ (ଅର୍ଥାତ୍ ଅନ୍ୟମାନଙ୍କ ଦୋଷ ଦୁର୍ବଳତାକୁ ଢ଼ାଙ୍କି ରଖିବା ବାଲା) ସେ ଲୋକମାନଙ୍କର ଦୋଷ ଦୁର୍ବଳତାକୁ ସମସ୍ତଙ୍କୁ ବତାଇନଥାଏ । ତେଣୁ ମଣିଷକୁ ଏହା ଆବଶ୍ୟକ ଯେ ସେ ପଣ୍ୟ ଅର୍ଜନ କରିବା ପାଇଁ ଚେଷ୍ଟା କରୁ ଓ ସବୁବେଳେ ଦୁଆ କରିଚାଲୁ । ନିଶ୍ଚିତ ରୂପେ ଏକଥା ଜାଣିନିଅ ଯେ ଜମାତ୍‌ର ଲୋକମାନଙ୍କ ମଧ୍ୟରେ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଯଦି କୌଣସି ପ୍ରଭେଦ ନାହିଁ ତେବେ ପୁଣି ଖୁଦା କାହାର ବନ୍ଧୁବାନ୍ଧବ ତ ନୁହଁନ୍ତି । ଆମେ ଅହେମଦୀ ହେଲେ, ବୟତ କଲେ, ଯଦି ଆମମାନଙ୍କ ମଧ୍ୟରେ ଏବଂ ଅନ୍ୟମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ ତେବେ ପୁଣି ଖୁଦା କାହାର ବନ୍ଧୁ ନୁହଁନ୍ତି । କ'ଣ କାରଣ ରହିଛି ଯେ ସେମାନଙ୍କୁ ସମ୍ମାନ ଦେବେ ଓ ସବୁ ପ୍ରକାରର ସୁରକ୍ଷା ମଧ୍ୟରେ ରଖିବେ । ଯଦି କୌଣସି ପ୍ରଭେଦ ନାହିଁ ତେବେ ଆତେ ତ ଖୁଦାତାଲାଙ୍କର କୌଣସି ବନ୍ଧୁ ନୁହଁ ଯେ ସେ ନିଶ୍ଚିତ ରୂପେ ଆମକୁ ସମ୍ମାନ ଦେବ ଓ ସେମାନଙ୍କୁ ଅସମ୍ମାନ କରିବ ଓ ଦଣ୍ଡ ଦେବ । ପୁଣି କହୁଛନ୍ତି ଯେ:- *ଇନ୍ନମା ୟତକବ୍‌ବଲୁଲ୍ଲାହୁ ମିନଲ୍ ମୁତ୍‌ତକିନ୍ ।* ଅର୍ଥାତ୍ ମୁତ୍‌ତକି ହେଉଛି ସେ ବ୍ୟକ୍ତି ଯିଏ ଖୁଦାତାଲାଙ୍କର ଭୟ ରଖି ଏପରି କଥାକୁ ପରିତ୍ୟାଗ କରିଥାଏ ଯାହା ଇଶ୍ୱରଙ୍କ ଇଛା ବିରୁଦ୍ଧ ଅଟେ । ମନ ଓ ମନର ଅଭିଳାଶାକୁ ଏବଂ ଏ ସାଂସାରିକ ପାର୍ଥିବ ବସ୍ତୁଗୁଡିକୁ ସେ ଅଲ୍ଲାଃତାଲାର ମୁକାବିଲାରେ ତୁଚ୍ଛ ମଣିଥାଏ । ଇମାନ୍ ମୁକାବିଲା କରିବା ସମୟରେ ଜଣାପଡ଼ିଥାଏ । କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଗୋଟିଏ କାନରେ ଶୁଣିଥାନ୍ତି ଓ ଅନ୍ୟ କାନଟିରେ ବାହାର କରିଦେଇଥାନ୍ତି, ସେମାନେ ଏହି କଥାଗୁଡିକୁ ମନ ଭିତରେ ହେଜନ୍ତି ନାହିଁ । ଯେତେ ଇଛା ସେମାନଙ୍କୁ ଉପଦେଶ ଦିଅ କିନ୍ତୁ ତାଙ୍କ ଉପରେ କୌଣସି ପ୍ରଭାବ ପଡେନାହିଁ । ମନେରଖ ଯେ ଖୁଦାତାଲା ହେଉଛନ୍ତି ସର୍ବ ଶକ୍ତିମାନ । ଯେପର୍ଯ୍ୟନ୍ତ ବହୁଳଭାବେ ଓ ବାରମ୍ବାର ବ୍ୟାକୁଳ ହୋଇ ଦୁଆ ନ କରାଯାଇଛି ସେପର୍ଯ୍ୟନ୍ତ ସେ ପରବାୟ କରିନଥାଏ । ଦେଖ ଯଦି କାହାର ସ୍ତ୍ରୀ ବା ପିଲା ବେମାର ପଡିଥାଏ ବା କାହାକୁ ଭୀଷଣ ଦୁଃଖ ପହଂଚିଥାଏ ସେତେବେଳେ ସେହି ସବୁ ଅସୁବିଧା ଯୋଗୁ ସେ କିପରି ବ୍ୟାକୁଳ ହୋଇପଡେ । ସୁତରାଂ ଦୁଆ କରିବାରେ ମଧ୍ୟ ଯେପର୍ଯ୍ୟନ୍ତ ପ୍ରକୃତ ବ୍ୟାକୁଳତା ଭୀଷଣ ଉତ୍କଣ୍ଠା ସୃଷ୍ଟି ନହେଉଛି ସେପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ରୂପେ ପ୍ରଭାବହୀନ ଓ ବେକାର କାର୍ଯ୍ୟ ଅଟେ । ଦୁଆ ଗ୍ରହଣୀୟ ହେବାପାଇଁ ବ୍ୟାକୁଳତା ହେଉଛି ସର୍ତ । ଯେମିତି କି ଅଲ୍ଲାଃତାଲା କହୁଛନ୍ତି:- *ଅମ୍ ମୈ ୟୁଜିବୁଲ୍ ମୁଜ୍‌ତର୍‌ରା ଇଜା ଦଆହୁ ୱ ୟକ୍‌ଶିଫୁସ୍ ସୁଆ (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୧୩୬-୧୩୭)*

ଅର୍ଥାତ୍ କିଏ ଜଣେ ବିବଶର ଦୁଆକୁ ଶୁଣିଥାଏ ଯେତେବେଳେ ସେ ଖୁଦାଙ୍କ ଠାରୁ ଦୁଆ କରିଥାଏ । ସେହି ଖୁଦା ତା'ର ଦୁଃଖକୁ ଦୂର କରିଥାନ୍ତି ।

ପୁଣି ଆପଣ ଆ:ସ କହୁଛନ୍ତି ଯେ ଯେତେବେଳେ ନିଜର ଇସ୍‌ଲାହ୍ କରୁଛି ସେତେବେଳେ ନିଜ ପରିବାର ଲୋକମାନଙ୍କର ମଧ୍ୟ ଇସ୍‌ଲାହ୍ କରିବା ପାଇଁ ଚେଷ୍ଟା କର । ସ୍ତ୍ରୀ ପିଲାମାନଙ୍କର ମଧ୍ୟ ଇସ୍‌ଲାହ୍ କରିବା ତୁମର କର୍ତବ୍ୟ । ସେ କହୁଛନ୍ତି "ଖୁଦାତାଲାଙ୍କ ସାହାଯ୍ୟ ସହଯୋଗ ସେହି ଲୋକମାନଙ୍କୁ ମିଳିଥାଏ ଯେଉଁମାନେ ସର୍ବଦା ପୂଣ୍ୟ ମାର୍ଗରେ ଆଗକୁ ପାଦ ଥାପିଥାନ୍ତି । ଗୋଟିଏ ସ୍ଥାନରେ ରହିଯାଇନଥାନ୍ତି ଏବଂ ଏହିମାନେ ହିଁ ପରିଶେଷରେ ସଫଳ ହୋଇଥାନ୍ତି । କିଛି ଲୋକମାନଙ୍କୁ ଆମେ ଦେଖିଥାଉ ଯେ ସେମାନଙ୍କ ମଧ୍ୟରେ ବହୁତ ସଉକ, ଉତ୍ସାହ ଓ ଆବେଗ ରହିଥାଏ କିନ୍ତୁ ଆଗକୁ ଯାଇ ସମ୍ପୂର୍ଣ୍ଣ ରୂପେ ସେମାନେ ରହିଯାଇଥାନ୍ତି, ଫଳତଃ ସେମାନଙ୍କର ପରିଣାମ ଉତମ ହୋଇ ନଥାଏ । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏ ଦୁଆ ଶିଖାଇଛନ୍ତି ଯେ *ଅସ୍‌ଲିହ୍ ଲି ଫି ଜୁର୍‌ରିୟତି (ଅଲ୍ ଅହ୍‌କାଫ୍:୧୬)* ଅର୍ଥାତ୍ ମୋ ସ୍ତ୍ରୀ ପିଲାମାନଙ୍କର ମଧ୍ୟ ଇସ୍‌ଲାହ୍ କରନ୍ତୁ । ନିଜ ଅବସ୍ଥାର ପରିବର୍ତନ ଓ ଦୁଆ ସହିତ ନିଜର ସନ୍ତାନ ଓ ସ୍ତ୍ରୀଙ୍କ ପାଇଁ ମଧ୍ୟ ଦୁଆ କରି ଚାଲିବା ଉଚିତ୍ କାରଣ ଅଧିକାଂଶ ଫିତ୍‌ନା (ବିଭ୍ରାଟ) ସନ୍ତାନମାନଙ୍କ ଯୋଗୁ ମଣିଷ ଉପରେ ଆସି ପଡିଥାଏ ଏବଂ ଅଧିକାଂଶ ସ୍ତ୍ରୀ ଯୋଗୁ ମଧ୍ୟ । ଦେଖନ୍ତୁ ପ୍ରଥମ ଫିତ୍‌ନା ହଜ୍‌ରତ୍ ଆଦମ୍‌ଙ୍କ ଉପରେ ତାଙ୍କ ସ୍ତ୍ରୀ ଙ୍କ ଯୋଗୁ ହିଁ ଆସିଥିଲେ । ହଜ୍‌ରତ୍ ମୁସା ଆ:ସଙ୍କ ମୁକାବିଲାରେ ବଲମ୍‌ର ଇମାନ୍‌କୁ ଯେଉଁଭଳି ଯବତ୍ କରାଗଲା ଅସଲରେ ତାହାର କାରଣ ତୌରାତ୍‌ରୁ ଏହା ମଧ୍ୟ ଜଣାପଡୁଛି ଯେ ବଲମ୍ ର ସ୍ତ୍ରୀ କୁ ସେହି ସମ୍ରାଟ ଜଣକ କିଛି ଗହଣାଗାଣ୍ଠି ଦେଖାଇ ଲୋଭ ଦେଖାଇଥିଲା । ତେଣୁ ସେହି ମହିଳା ବଲମ୍‌କୁ ହଜ୍‌ରତ୍ ମୁସା ଆ:ସଙ୍କ ଉପରେ ବଦ୍‌ଦୁଆ (ଅଭିଶାପ ପକାଇବା) ନିମନ୍ତେ ଉସୁକାଇଥିଲା । ସୁତରାଂ ଏମାନଙ୍କ ଯୋଗୁ ମଧ୍ୟ ଅଧିକାଂଶ ସମୟ ମନୁଷ୍ୟ ଉପରେ ବିପତି ପଡିଥାଏ । ତେଣୁ ଏମାନଙ୍କର ଇସ୍‌ଲାହ୍ କରିବା ପ୍ରତି ମଧ୍ୟ ସମ୍ପୂର୍ଣ୍ଣ ରୂପେ ଧ୍ୟାନ ଦେବା ଉଚିତ୍ ଓ ସେମାନଙ୍କ ପାଇଁ ଦୁଆ ଅନବରତ କରି ଚାଲିବା ଉଚିତ୍" । (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୧୩୯)

ଅଲ୍ଲାଃତାଲା ଆମକୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ଆମ ଅବସ୍ଥାରେ ପବିତ୍ର ପରିବର୍ତନ କରିବାବାଲା ହେଉ । ନିଜ ନମାଜ ଗୁଡିକୁ ସ୍ଥାପନ କରି ପୁଣି ସେଗୁଡିକୁ ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ନେଇଯାଉ । ନିଜ ଧନକୁ ମଧ୍ୟ ପବିତ୍ର କରିବାବାଲା ହେଉ । ନିଜ ଚରିତ୍ରକୁ ଉତମ କରିବା ବାଲା ହେଉ । ପୁଣ୍ୟ କାର୍ଯ୍ୟକୁ କରିବା ବାଲା ଓ ଏହାକୁ ପ୍ରଚାର ପ୍ରସାର କରିବା ବାଲା ହେଉ । ଖରାପ କାର୍ଯ୍ୟରୁ ରହିତ ହୋଇ ସେହି ଖରାପ କାର୍ଯ୍ୟ ଗୁଡିକରୁ ନିଜ ପରପିଢ଼ୀକୁ ମଧ୍ୟ ରୋକିବା ବାଲା ହେଉ ଏବଂ ପୁଣି ନିଜ ପରିବେଶକୁ ମଧ୍ୟ ସେହି କୁକର୍ମରୁ ରୋକିବାବାଲା ହେଉ । ମସ୍‌ଜିଦ୍‌ର ନିର୍ମାଣ ସହିତ ଇସ୍‌ଲାମ୍‌ର ବାସ୍ତବିକ ବାର୍ତା ଏହି ଦେଶର ପ୍ରତ୍ୟେକ ସହର ପର୍ଯ୍ୟନ୍ତ ପହଂଚାଇବା ବାଲା ହେଉ ଏବଂ ସେମାନଙ୍କୁ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନାକାରୀ ବନାଇବା ବାଲା ହେଉ । ଏହା ସେତେବେଳେ ହୋଇପାରିବ ଯେତେବେଳେ ଆମେ ନିଜ ଭିତରେ ଏକ ବୃହତ୍ ପରିବର୍ତନ ସୃଷ୍ଟି କରିବା । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଏବେ ଏହି ମସ୍‌ଜିଦ୍‌ର କିଛି ବିବରଣୀ ମଧ୍ୟ ଏଠାରେ ବର୍ଣ୍ଣନା କରିଦେଉଛି । ଏଠାରେ ଏହି ସ୍ଥାନର ନାମକୁ ଆମେ 'ମେହ୍‌ଦୀଆବାଦ୍' ରଖିଛୁ । ଏହି ଗ୍ରାମର ନାମ ହେଉଛି ନାହେ, ଯେଉଁଠି ଏହି ମସ୍‌ଜିଦ୍ ଏବେ ନିର୍ମାଣ କରାଯାଇଛି । ଏଠାରେ ସ୍ଥାନୀୟ ଜମାତ୍ ବହୁତ କମ୍ ଅଛନ୍ତି । ଏହି ସ୍ଥାନଟି ଏକ ଋଷଜମି ଥିଲା ତାହା ୧୯୮୯ ମସିହାରେ କିଣାଯାଇଥିଲା । ଏଥିରେ ଏବେ କିଛି ଭାଗ ଋଷ କରାଯାଉଛି ଯାହାକୁ ଜମାତ୍ ଠିକାରେ ଦେଇଛି । ଏଠାରେ ଯେତେବେଳେ ପ୍ରଥମେ ଯାଗା ନିଆଯାଇଥିଲା ସେତେବେଳେ ଗୋଟିଏ ଫାର୍ମ୍ ହାଉସ୍ ମଧ୍ୟ ଥିଲା ଓ ଗୋଟିଏ ବିଲ୍‌ଡିଂ ମଧ୍ୟ ଥିଲା । ସେହି ବିଲ୍‌ଡିଂକୁ ମିଶନ୍ ହାଉସ୍ ରୂପେ ବ୍ୟବହାର କରିବା ପାଇଁ ଅନୁମତି ମଧ୍ୟ ମିଳିଗଲା । ପୁଣି ସେଥିରେ ଯେଉଁ ବଡ ହଲ୍ ଥିଲା ତାକୁ ମସ୍‌ଜିଦ୍ ବନାଇବା ପାଇଁ ଅନୁମତି ମଧ୍ୟ ମିଳିଗଲା ଏବଂ ଓ୍ୱକାରେ ଅମଲ୍ ଜରିଆରେ ଏହି ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଛି । ଏହା ୨ମହଲା ବିଶିଷ୍ଟ ଅଟ୍ଟାଳିକା । ଏଥିରେ ଗୋଟିଏ ମୁରବୀ ହାଉସ୍ ମଧ୍ୟ ଅଛି ଯାହା ପୂର୍ବରୁ ନିର୍ମାଣ ହୋଇଥିଲା । ପୁଣି ୨୦୧୦ ମସିହାରେ କାଉନ୍‌ସିଲ୍ ଏଠିକାର ଫାର୍ମ ନିମନ୍ତେ ଥିବା ଯାଗାର ଗୋଟିଏ ଅଂଶକୁ ଆବାସସ୍ଥଳୀ ରୂପେ ଅନୁମତି ଦେଇଦେଇଛି । ତେଣୁ ଏଠାରେ ୧୨ଟି ଫ୍ଲାଟ୍ ଘରପାଇଁ ବନାଯାଇଛି ଏବଂ ନିୟମିତ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ମଧ୍ୟ ଅନୁମତି ମିଳିଗଲା । ୧୨ଗୋଟି ଫ୍ଲାଟ୍ ମଧ୍ୟରୁ ଦୁଇଟି ଫ୍ଲାଟ୍‌କୁ ଜମାତ୍ ନିଜ ପାଇଁ ରଖିଛି ଓ ବାକି ଫ୍ଲାଟ୍ ଗୁଡିକୁ ଲୋକମାନଙ୍କୁ ବିକ୍ରି କରିଦେଇଛି । ଏହାଦ୍ୱାରା ଯେଉଁ ଅର୍ଥ ମିଳିଲା ତାହା ଅଧିକ ଅର୍ଥ ଥିଲା । ସେ ଯାହାହେଉ ଛଅ ସାତ ବର୍ଷ ପୂର୍ବେ ବରଂ ଆଠ ବର୍ଷ ପୂର୍ବେ ଏହାର ମୂଳଦୁଆ ମୁଁ ରଖିଥିଲି । ଏବେ ଏହି ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ନିର୍ମାଣ ହୋଇସାରିଛି ଓ ଏହି ମସ୍‌ଜିଦ୍‌ଟି ଦୁଇ ମହଲା ବିଶିଷ୍ଟ । ମସ୍‌ଜିଦ୍‌ର ଛାତର କ୍ଷେତ୍ରଫଳ ହେଉଛି ୩୫୦ ସ୍କୋୟାର୍‌ମିଟର୍ । ଏଥିରେ ୨୧୦ଜଣ ନମାଜ ପଢ଼ିପାରିବେ । ମସ୍‌ଜିଦ୍‌ର ଉପର ଭାଗଟି ପୁରୁଷମାନଙ୍କ ପାଇଁ ଓ ତଳ ଭାଗଟି ମହିଳାମାନଙ୍କ ପାଇଁ ତିଆରି କରାଯାଇଛି । ଓ୍ୱଜୁ ଏବଂ ଗାଧୁଆଘର ଇତ୍ୟାଦିର ସୁବିଧା ରହିଛି । ପାଖାପାଖି ୫ଲକ୍ଷ ୬୦ହଜାର ୟୁରୋ ବିନିବୟରେ ଏହାର ନିର୍ମାଣ ହୋଇଥିଲା । ସେଥି ମଧ୍ୟରୁ ୨ଲକ୍ଷ ୟୁରୋରୁ କିଛି ଅଧିକା ଏଠିକାର ସ୍ଥାନୀୟ ସଦସ୍ୟମାନେ ଚାନ୍ଦା ଆକାରରେ ଦେଇଛନ୍ତି ଓ ବଳକା ଅର୍ଥକୁ ମସ୍‌ଜିଦ୍ ସ୍କିମ୍‌ରେ ଥିବା ଅର୍ଥରୁ ଖର୍ଚ୍ଚ କରାଯାଇଛି । ଅଲ୍ଲାଃତାଲା ଏହି ସମସ୍ତ ଉତ୍ସର୍ଗୀ କୁର୍ବାନୀ କରିଥିବା ଲୋକମାନଙ୍କ ଧନ ଓ ଜନରେ ବରକତ୍ ପ୍ରଦାନ କରନ୍ତୁ ଓ ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବା ପରେ ଏଥିରେ ଉପାସନା କରିବାର ହକ୍‌କୁ ପୂର୍ବାପେକ୍ଷା ଅଧିକା ପ୍ରଦାନକାରୀ ହୁଅନ୍ତୁ ।

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....*

ହେଉଛି ଖୁଦାଙ୍କର କାର୍ଯ୍ୟ । ତେଣୁ ଆପଣ ବାର୍ତାକୁ ପହଂଚାଇ ଚାଲନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଲୋକମାନେ ମୋତେ ପଚାରୁଛନ୍ତି କି କଣ ଏ ପୃଥିବୀ ବଦଳିଯିବ । ମୁଁ କହୁଛି ଯେ ଆମକୁ ବାର୍ତା ପହଂଚାଇବାର ଅଛି । ତେଣୁ ଆମେ ଥକିଯିବୁ ନାହିଁ, ପଛକୁ ହଟିବୁ ନାହିଁ ନା ଆମେ କୌଣସି କଥାଦ୍ୱାରା ବ୍ୟତିବ୍ୟସ୍ତ ହେବୁ । ଖୁଦାତାଲାଙ୍କର ଏପରି ଏକ ଦିନ ଆସିବ ଯେତେବେଳେ ସେମାନଙ୍କର ହୃଦୟ ବଦଳି ଏବଂ ଏମାନେ (ଇସ୍‌ଲାମ୍) ଗ୍ରହଣ କରିବେ ।ଏ ପିଢ଼ୀ ତ ନୁହେଁ ଏମାନଙ୍କର ଆସନ୍ତା ପିଢ଼ୀ ଗ୍ରହଣ କରିବେ । ଐଶି ଜମାତ୍‌ର ଜୀବଦଶାରେ ଗୋଟିଏ ପିଢ଼ୀର କୌଣସି ମାନେ ରଖୁନାହିଁ । ଇନ୍‌ଶାଅଲ୍ଲାଃ ଆମକୁ ସଫଳତା ମିଳିବ ଓ ପରିଶେଷରେ ଆମେ ସେମାନଙ୍କର ହୃଦୟକୁ ଜିଣିନେବୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଲାଣ୍ଡର ଏହି ଗସ୍ତରେ ଖବରକାଗଜ ଗୁଡିକ ମୋର ଇଂଟର୍‌ଭ୍ୟୁ ନେଇଛନ୍ତି ଓ ପଚାରିଲେ ଯେ ଆପଣ ନିଜ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାରେ ନିରାଶ ତ ହୋଇଯିବେନାହିଁ । ସୁତରାଂ ମୁଁ ସେମାନଙ୍କୁ କହିଲି ଯେ ଆମର କାର୍ଯ୍ୟ ହେଉଛି ଏହା କି ଆମେ ନିଜ ନିଜର କର୍ତବ୍ୟକୁ କରିଚାଲିବୁ ଓ ନିରାଶ ହେବୁନାହିଁ ଓ ସେପର୍ଯ୍ୟନ୍ତ କରିଚାଲିବୁ ଯେପର୍ଯ୍ୟନ୍ତ ତୁମେ ନିଜର ଶେଷ ଉଦ୍ଦେଶ୍ୟକୁ ହାସଲ ନ କରିଛ । ସୁତରାଂ ଇଛା ଶକ୍ତି ଯେତେ ଦୃଢ଼ ହେବ ସେତେ ମାତ୍ରାରେ ମଣିଷ ସାହସ ଦେଖାଇ କାର୍ଯ୍ୟ କରିଥାଏ । ତେଣୁ ନିଜ ଇଛା ଶକ୍ତିକୁ ଦୃଢ଼ ରଖନ୍ତୁ, ସାହସକୁ ଉଚ୍ଚ କରନ୍ତୁ ।

ଜଣେ ନୌମୁବାଏ ବନ୍ଧୁ ପଚାରିଲେ ଯେ ଯେତେବେଳେ ଆମେ ନିଜ ଘର ଲୋକାମାନଙ୍କ ନିକଟରେ ଅହେମଦୀୟତ୍‌ର ବାର୍ତା ପହଂଚାଉଛୁ ଏହାର ଭୀଷଣ ପ୍ରତିକ୍ରିୟା ଦେଖାଯାଉଛି । ମୋ ବଡଭାଇ ବୟତ୍ କରିଛନ୍ତି । ତେଣୁ ତାଙ୍କ ସ୍ତ୍ରୀ ନିଜ ନିକଟରେ ପିଲାମାନଙ୍କୁ ରଖି ମୋର ଭାଇକୁ ଘରୁ ବାହାର କରିଦେଲେ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଦୀନ ଖାତିର୍ କୁର୍ବାନୀ ଦେବାକୁ ପଡିଥାଏ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଯେଉଁ ଲୋକମାନେ ଇସ୍‌ଲାମ୍ ଗ୍ରହଣ କରିଥିଲେ ତେବେ କ'ଣ ସେମାନଙ୍କ ସହିତ ଏପରି ବ୍ୟବହାର ହେଉନଥିଲା । ଏହି ଶେଷ ଯୁଗଟି ପୂର୍ବଯୁଗ ସହିତ ସମାନତା ରଖିଛି । ସେଇଥିପାଇଁ ଏ ଯୁଗରେ ମଧ୍ୟ ବିରୋଧିମାନଙ୍କ ତରଫରୁ ସେହିପରି ବ୍ୟବହାର କରାଯିବ ଯାହା ପ୍ରଥମ ଯୁଗରେ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରେ ହୋଇଥିଲା । ବିରୋଧିମାନଙ୍କ ଆଚରଣ ସେହିପରି ହେବ ଯାହା ପୂର୍ବରୁ ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନିଜ ମା ବାପାଙ୍କ ସମ୍ମାନ କରନ୍ତୁ । କିନ୍ତୁ ଯେଉଁଠି ଧର୍ମ ଓ ଖୁଦାଙ୍କର ମାମଲା ଆସିବ ସେଠାରେ ପୁଣି ନିଜ ଧର୍ମକୁ ଓ ଖୁଦାଙ୍କୁ ଅଗ୍ରାଧିକାର ଦେବା ଉଚିତ୍ଃ ଆମେ ଏ ଶପଥ କରୁଛେ ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା । ତେଣୁ ଆମକୁ ଏପରି କୁର୍ବାନୀ (ବଳିଦାନ) ଦେବାକୁ ପଡିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ବିରୋଧିମାନଙ୍କ ଯୋଗୁ ଓ ସେମାନଙ୍କର ଖରାପ ବ୍ୟବହାର ଯୋଗୁ ଆପଣମାନଙ୍କ ମନ ଭିତରେ ନିଜ ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟଙ୍କ ବିରୋଧରେ ଘୃଣାଭାବ ଓ ଶତୃତା ସୃଷ୍ଟି ହେବା ଉଚିତ୍ ନୁହେଁ । ସେମାନଙ୍କ ସହିତ ନମ୍ର ବ୍ୟବହାର କରନ୍ତୁ, ସେମାନଙ୍କ ପାଇଁ ଦୁଆ କରନ୍ତୁ ଏବଂ ଧୈର୍ଯ୍ୟର ସହିତ ନିଜ ବାର୍ତାକୁ ପହଂଚାଇ ଚାଲନ୍ତୁ । ଶେଷରେ ଏପରି ଏକ ସମୟ ଆସିବ ଯେ ଭୂଲିଯିବେ ଓ ଖୁଦାଙ୍କ କୃପାବଳରୁ ଅବସ୍ଥା ସୁଧୁରି ଯାଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ୟୁ.କେ ରେ ଆୟର୍‌ଲାଣ୍ଡ୍ର ଜଣେ ଝିଅ ପଢୁଥିଲେ । ସେ ଅହେମଦୀୟତ୍ ଗ୍ରହଣ କଲେ । ତାଙ୍କ ବାପ ମା ତାଙ୍କ ସହିତ ସମ୍ପର୍କ ଛିନ୍ନ କରିଦେଲେ କିନ୍ତୁ ସେ ଝିଅଟି ତାଙ୍କ ବାପା ମାଆଙ୍କ ବିରୋଧ ସତ୍ୱେ ମଧ୍ୟ ସମ୍ପର୍କକୁ ଶେଷ କଲେ ନାହିଁ । ଏବେ ସେହି ଝିଅଟି ଆମେରିକା ଚାଲିଯାଇଛନ୍ତି । ଏବେ ଯେତେବେଳେ ମୁଁ ଆୟର୍‌ଲାଣ୍ଡ୍ ଚାଲିଯାଇଥିଲି ସେ ଆମେରିକାରୁ ସେଠାକୁ ଆସିଥିଲେ ଏବଂ ମୋ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ ମୋତେ କାନ୍ଦି କାନ୍ଦି ଏକଥା ବତାଉଥିଲେ ଯେ ମୋ ମା ବାପାଙ୍କ ବ୍ୟବହାର ମୋ ସହିତ ବହୁତ ଖରାପ ରହିଛି କିନ୍ତୁ ମୁଁ ସେମାନଙ୍କ ସହିତ ସମ୍ପର୍କ ତୁଟାଇନାହିଁ । ମୁଁ ତାଙ୍କ ସହିତ ନିଜର ସମ୍ପର୍କ ରଖିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି କଥା ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ଯାହାହେଉ ଦୁଆ ହେଉଛି ଯେ ଅଲ୍ଲାଃତାଲା ତାଙ୍କ ଅସୁବିଧାକୁ ଦୂର କରନ୍ତୁ ଓ ସେମାନଙ୍କ ଘର ଲୋକମାନଙ୍କ ହୃଦୟକୁ ଖୋଲି ଦିଅନ୍ତୁ ଓ ସେମାନଙ୍କୁ ପ୍ରକୃତ ଇସ୍‌ଲାମ୍‌କୁ ଗ୍ରହଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଆଉଜଣେ ବୟୋଜ୍ୟେଷ୍ଠ ବନ୍ଧୁ ପ୍ରଶ୍ନ କଲେ ଯେ କ'ଣ କାରଣ ରହିଛି ଯେ ମୁସଲ୍‌ମାନ୍ ଦେଶଗୁଡିକ ସତ୍ୟତାକୁ ଦେଖିବା ସତ୍ୱେ ମଧ୍ୟ ଅହେମଦୀୟତ୍‌କୁ ଗ୍ରହଣ କରୁନାହାଁନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ପୂର୍ବରୁ ମଧ୍ୟ ଏକଥା କହିସାରିଛି ଯେ କାହାର ହୃଦୟକୁ ପରିବର୍ତନ କରିବା ଆମର କାମ ନୁହେଁ । ଆମେ ନିଜର ବାର୍ତାକୁ ଆରବ ଦେଶଗୁଡିକରେ ମଧ୍ୟ ପହଂଚାଉଛୁ । ଯେଉଁ ଆରବୀୟ ଅହେମଦୀୟ ହେଉଛନ୍ତି ସେମାନେ ନିଜ ଓ୍ୱଲେମାମାନଙ୍କ ସହିତ କଥା ହେଉଛନ୍ତି ଯେ ଅହେମଦୀୟତ୍ ଏହା କହୁଅଛି ଅର୍ଥାତ୍ ଏହା ତାଙ୍କର ବାର୍ତା । ସୁତରାଂ ସେମାନଙ୍କ ଓ୍ୱଲେମାମାନେ ଏକଥା କହୁଛନ୍ତି ଯେ ତୁମେ କାଫିର୍ ହୋଇଯାଇଛ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ ସୋସାଇଟ୍‌ର ପ୍ରଭାବ ପଡିଥାଏ । ଓ୍ୱଲେମାମାନେ ଲୋକମାନଙ୍କୁ ଫିର୍‌କା ଫିର୍‌କା ଅର୍ଥାତ୍ ଇସ୍‌ଲାମୀୟ ଗୋଷ୍ଠୀମାନଙ୍କ ମଧ୍ୟରେ କୁଫର୍ (ଅର୍ଥାତ୍ ଅମାନ୍ୟକାରୀ)ର ଫତ୍‌ଓ୍ୱା ଦେଇ ଭୟଭୀତ କରିଦେଇଛନ୍ତି ଯେ ବନ୍ଧୁବାନ୍ଧବମାନେ ତୁମକୁ ଛାଡି ଚାଲିଯିବେ । ଆର୍ଥିକ ଦୃଷ୍ଟିକୋଣରୁ ଅସୁବିଧା ସୃଷ୍ଟି ହେବ । ଦୁଃଖ ଓ କଷ୍ଟକୁ ସମ୍ମୁଖୀନ କରିବାକୁ ହେବ । ଓ୍ୱଲେମା ମାନଙ୍କର ଆଚରଣ ଏପରି ଅଛି ଯେ ସେମାନଙ୍କୁ ଲୋକମାନଙ୍କର ଧର୍ମ ବିଷୟରେ କୌଣସି ପରବାୟ ନାହିଁ । ସେମାନଙ୍କର ନିଜର ସ୍ୱାର୍ଥ ଅନ୍ୟମାନଙ୍କ ସହିତ ଯୋଡି ହୋଇ ରହିଛି ।

ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ ଶେଷ ଯୁଗରେ ଆକାଶ ତଳେ ସବୁଠାରୁ ଖରାପ ମଖ୍‌ଲୁକ୍ (ଜୀବ) ଓ୍ୱଲୋମାଏ ସୁ (ଅର୍ଥାତ୍ ଖଳ ପ୍ରକୃତିର ଓ୍ୱଲେମାମାନେ) ହେବେ । ବାକି ମୁସଲ୍‌ମାନ୍ ଦେଶଗୁଡିକର ଯେଉଁ ସାସାଂରିକ ସରକାରମାନ ରହିଛନ୍ତି ସେମାନଙ୍କୁ ଧର୍ମ ବିଷୟରେ କୌଣିସି ଆଗ୍ରହ ନାହିଁ । ସେମାନେ ଏକଥା ଭାବୁଛନ୍ତି ଯେ ଯଦି ଆମେ ଓ୍ୱଲେମାମାନଙ୍କ ସହିତ ସହଯୋଗ ନ କରିବୁ ତେବେ ସେମାନଙ୍କ ପଛରେ ଚାଲୁଥିବା ଲୋକମାନେ ଆମକୁ ଭୋଟ୍ ଦେବେନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପାକିସ୍ତାନ୍‌ରେ ମୁଁ ଏକଥା ଭଲଭାବେ ଜାଣିଛି ଯେ କେତେକ ଲୋକ ସପ୍ତାହରେ ଚାରିଥର ମଧ୍ୟ ନମାଜ ପଢୁନଥିବେ କିନ୍ତୁ ଓ୍ୱଲେମାମାନଙ୍କ ସମ୍ମୁଖରେ ସେ ବିବଶ ହୋଇ ଓ୍ୱଲେମାଙ୍କ ନିକଟରେ ମେମ୍ବର୍ ଅଛନ୍ତି । ଯଦିଚ ସେହି ଓ୍ୱଲେମାମାନଙ୍କୁ ନିର୍ବାଚନରେ ଅଧିକ ସିଟ୍ ମିଳୁନାହିଁ କିନ୍ତୁ ସେମାନଙ୍କ ନିକଟରେ ମେମ୍ବର୍ ଥିବା ଯୋଗୁ ସେମାନେ ଲୋକମାନଙ୍କୁ ଭଡକାଉଛନ୍ତି ଓ ଅନ୍ୟ ମେମ୍ବର୍‌ମାନେ ସେମାନଙ୍କ ମାଧ୍ୟମରେ ନିଜ ଭୋଟକୁ ହାସଲ କରୁଛନ୍ତି । ସେଥିପାଇଁ ଏହି ଲୋକମାନେ ଓ୍ୱଲେମାମାନଙ୍କ କ୍ରୀତଦାସ ହୋଇ ରହିଛନ୍ତି ।

ଆଁ ହଜ୍‌ରତ୍ ସ:ଆ:ସ ଏକଥା ତ କହି ନଥିଲେ ଯେ ଓ୍ୱଲେମାମାନଙ୍କ ପଛରେ ଚାଲ ଓ ସେମାନଙ୍କ କଥା ଶୁଣ ବୋଲି ବରଂ ଏହିଭଳି ଓ୍ୱଲେମାମାନଙ୍କ ସମ୍ବନ୍ଧରେ ଏକଥା କହିଛନ୍ତି ଯେ ସେମାନେ ଆକାଶ ତଳେ ଅତ୍ୟନ୍ତ ଖରାପ ଜୀବ ଅଟନ୍ତି । ସୁତରାଂ ଆମର କାର୍ଯ୍ୟ ହେଉଛି ବାର୍ତା ପହଂଚାଇବା ବାକି ହୃଦୟକୁ ଇଶ୍ୱର ହିଁ ଖୋଲିବେ ।

ଅଲ୍‌ଜଜାଇର୍‌ର ଜଣେ ନୂଆ ଅହେମଦୀ ବନ୍ଧୁ ହୋସାଇନ୍ ଅଜିଜି ସାହେବ୍ ବତାଇଲେ ଯେ ଏହି ପ୍ରତିନିଧି ମଣ୍ଡଳ ସହିତ ତାଙ୍କର ହଲାଣ୍ଡ ଯିବା ପାଇଁ କୌଣସି ପ୍ରୋଗ୍ରାମ୍ ନଥିଲା । ଯିବାର ଦୁଇଦିନ ପୂର୍ବରୁ କଶଫ୍ ଦେଖିଲେ ଅର୍ଥାତ୍ ନା ମୁଁ ଶୋଇଥିଲି ନା ମୁଁ ଜାଗିଥିଲି । ଏହିଭଳି ଅବସ୍ଥାରେ ମୋତେ ଖୁଦାତାଲାଙ୍କ ତରଫରୁ ବହୁତ ସ୍ୱଷ୍ଟ ଶବ୍ଦ ଶୁଣାଗଲା ଯେ *"ତୁମେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରିବ ସଦକଲ୍ଲାହୁଲ୍ ଅଜିମ୍"* ଏ କଥା ମୋତେ ଭିତରୁ ଦୋହଲାଇଦେଲା । କାରଣ ମୁଁ ହଲାଣ୍ଡ ଯିବାକୁ ଥିବା ଓ୍ୱଫଦ୍‌ରେ ନିଜ ନାମ ମଧ୍ୟ ଦେଇନଥିଲି । ଏଣୁ ଏହି ଦୃଶ୍ୟ ଦେଖିବା ପରେ ତତ୍‌କ୍ଷଣାତ୍ ମୁଁ ନିଜର ନାମକୁ ଲେଖାଇଦେଲି । କିନ୍ତୁ ଏହି କଶଫ୍ (ଅର୍ଥାତ୍ ଜାଗ୍ରତ ଅବସ୍ଥାରେ ଦେଖୁଥିବା ସ୍ୱପ୍ନ) ସମ୍ବନ୍ଧରେ ମୁଁ କାହାକୁ କହିଲି ନାହିଁ । ଜୁମା ଦିନ ଏ ଏତଲା ମିଳିଲା ଯେ ବୋଧ ହୁଏ ପ୍ରୋଗ୍ରାମକୁ ମୁଲତବି କରିବାକୁ ପଡିବ କାରଣ ହଲାଣ୍ଡରୁ ଅନୁମତିର ଏତେଲା ମିଳିନାହିଁ । ଏଥିରେ ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଗଲି ଯେ ଏହା କିପରି ସମ୍ଭବ । ଖୁଦାତାଲା ତ ଏକଥା କହୁଛନ୍ତି ଯେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ ହେବ ଓ ଅନ୍ୟପଟେ ଏ ଏତଲା ମିଳୁଛି ଯେ ପ୍ରୋଗ୍ରାମ୍‌କୁ ବୋଧହୁଏ ମୁଲତବି କରିବାକୁ ପଡିବ । ଏବେ ଏହି କଥା ଭାବୁଥିଲି ଯେ ପୁନର୍ବାର ଏତେଲା ମିଳିଲା ଯେ ଅନୁମତି ମିଳିଯାଇଛି । ତେଣୁ ମୁଁ ସଜ୍‌ଦାଏ ଶୁକର୍ (ଅର୍ଥାତ୍ ଧନ୍ୟବାଦ ଅର୍ପଣ କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ) କଲି ଯେ କିପରି ଅଲ୍ଲାଃତାଲା ନିଜର ସଚ୍ଚା ପ୍ରତିଶୃତିକୁ ଅସମ୍ଭବ ଲାଗୁଥିବା ସତ୍ୱେ ମଧ୍ୟ ପୂରଣ କରିଦେଲେ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍‌ହମ୍‌ଦୋଲିଲ୍ଲାଃ (ଅର୍ଥାତ୍ ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ) । ସେ ପୁଣି ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ପ୍ରାର୍ଥନା କରିବା ପାଇଁ ନିବେଦନ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ "ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ" । ପୁଣି ହଜୁର୍ ଅନୁଓ୍ୱର୍ ତାଙ୍କୁ ସମ୍ବୋଧନ କରି କହିଲେ ସ୍ତ୍ରୀ ପିଲାଙ୍କ ଉପରେ ଜୋର୍ ଦେବାର କୌଣସି ଆବଶ୍ୟକତା ନାହିଁ । ଆପଣଙ୍କର ନିଜର କାର୍ଯ୍ୟ ପନ୍ଥା ଯଦି ଠିକ୍ ରହିବ ତେବେ ସ୍ତ୍ରୀ ସେହି କାର୍ଯ୍ୟକୁ ଦେଖି ଗ୍ରହଣ କରିନେବେ ।

ସେ ପୁଣି କହିଲେ ଯେ ହଜୁର୍ ଆପଣ ଆମ ନିକଟକୁ କେବେ ଆସିବେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆସିବି ଇନ୍‌ଶାଅଲ୍ଲାଃ ।

ଆଉଜଣେ ନୌମୁବାଏ କହିଲେ ଯେ ମୋର ପାଂଚଜଣ ସନ୍ତାନ ଓ ମୋର ସମ୍ବନ୍ଧ ମାଲି ଦେଶ ସହିତ ରହିଛି । ମୁଁ ଆଜିର ଏହି ସାକ୍ଷାତ୍‌କାର୍ ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ନିକଟରେ କୃତଜ୍ଞ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ "ମାଲିରେ ଜମାତ୍ ବହୁତ ଶିଘ୍ର ଶିଘ୍ର ବ୍ୟାପୁଅଛି" ।

ମରାକିଶ୍ ସହିତ ସମ୍ପର୍କ ରଖିଥିବା ଜଣେ ନୌମୁବାଏ ବନ୍ଧୁ କହିଲେ ଯେ ଆଜିକାଲି ସବୁ ମିଡିଆ ଏକଥାକୁ ଚର୍ଚ୍ଚା କରୁଛନ୍ତି ଯେ ବର୍ତମାନ ଯେଉଁ ଅବସ୍ଥା ଦୁନିଆରେ ଦେଖାଦେଇଛି ତାହା ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଗତି କରୁଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମିଡିଆ ବର୍ତମାନ ଏକଥା କହୁଛି ଯେବେ କି ମୁଁ ଏକଥାକୁ ବିଗତ ୫ବର୍ଷ ହେଲା କହିଆସୁଅଛି ଯେ ଏ ପୃଥିବୀ ଏବେ ବିଶ୍ୱଯୁଦ୍ଧ ଆଡକୁ ଗତି କରୁଅଛି । ଏ ଯୁଦ୍ଧ ବର୍ତମାନ ସମଗ୍ର ପୃଥିବୀରେ ବ୍ୟାପିଯାଇଛି । ଏବେ ବିଭିନ୍ନ ବ୍ଲକ୍‌ସ୍ ତିଆରି ହେଲାଣି ଓ ବଡ ବଡ ଶକ୍ତି ରାଷ୍ଟ୍ରଗୁଡିକ ଏଥିରେ ଇନ୍‌ଭଲ୍‌ଭ୍ ହେଉଛନ୍ତି । ଶିରିଆ, ଇରାକ୍, ୟମନ୍ ଏବଂ ସାଉଦି ଆରବ୍‌ରେ ଯୁଦ୍ଧ ଚାଲିଛି । ପାଲେଷ୍ଟାଇନ୍ ଓ ଇସ୍‌ରାଇଲ୍ ମଧ୍ୟରେ ଯୁଦ୍ଧ ଜାରି ରହିଛି । ଏବେ ରସିଆନ୍ ଜାହାଜ ଗୁଡିକ ତୁର୍କି ସୀମାରେ ବୋମା ପକାଇଛି । ଏବେ ରୁଷିଆ ଏଥିରେ ଇନ୍‌ଭଲ୍‌ଭ ହୋଇଗଲାଣି, ଯାହାକୁ ରୁଷିଆ ସାହାଯ୍ୟ କରୁଅଛି ଆମେରିକା ତାକୁ ସାହାଯ୍ୟ କରୁନାହିଁ ଓ ଗୋଟିଏ ପଟେ ନାଟୋର ଟିପ୍ପଣୀ ମଧ୍ୟ ଆସୁଛି ।

ଫ୍ରାନ୍‌ସ୍ ଠାରେ ଶିରିଆର ପରିସ୍ଥିତି ସମ୍ବନ୍ଧରେ ଗୋଟିଏ ମିଟିଂ ହୋଇଛି ଓ ସେଥିରେ ବର୍ତମାନ ଏହା କୁହାଯାଇଛି ଯେ ଆମକୁ ସରକାରଙ୍କର ସାହାଯ୍ୟ କରିବା ଉଚିତ୍ । ଏବେ ସେମାନେ ନିଜର ରାୟକୁ ବଦଳାଇ ଦେଇଛନ୍ତି । ଯଦି ସେମାନେ ଏକଥା ବୁଝିବେ

ନାହିଁ ତେବେ ପୁଣି ଯୁଦ୍ଧ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କେବେ ନା କେବେ ତ ଏ ଯୁଦ୍ଧ ହେବ କାରଣ ଏମାନେ ଈଶ୍ୱରଙ୍କୁ ଭୁଲିଯାଇଛନ୍ତି ଓ ଜଣେ ଅନ୍ୟଜଣକର ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ଖୁଦାଙ୍କର ଦଣ୍ଡଦେବାର ଶୈଳୀ ନିଜର ଅଲଗା । ପୁଣି ଯୁଦ୍ଧ ପରେ ଏହି ଲୋକମାନେ ଖୁଦାଙ୍କ ଆଡକୁ ଆସିବେ ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ବହୁତ ଭବିଷ୍ୟତ ବାଣୀ ରହିଛି । ଏ ଯୁଦ୍ଧ ତ ହେବ, କେବଳ ଏ ପରିପ୍ରେକ୍ଷୀରେ କି ନ୍ୟାୟ ଓ ସମାନତା ଯଦି କାଏମ୍ ହୋଇଯିବ (ତେବେ ହୋଇନପାରେ) । ଯଦି ଏମାନେ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରିବାକୁ ଲାଗିଯିବେ ତେବେ ଯୁଦ୍ଧ ହୋଇନପାରେ କିନ୍ତୁ ବର୍ତ୍ତମାନ ଯେଉଁ ପରିସ୍ଥିତି ଉପୁଜିଛି ସେଥିରୁ ଜଣାପଡ଼ିଛି ଯେ ଏହା ଯୁଦ୍ଧ ଆଡକୁ ଗତି କରୁଅଛି ।

ଜଣେ ନୌମୁବାଏ କହିଲେ ଯେ ମୁଁ ହେଉଛି କମୁରୋଜ୍ ଜଜାଇର୍ ନିବାସୀ । ଅହେମଦୀୟତ୍‌ର ବାର୍ତ୍ତା ମାୟୁଟି ଆୟର୍‌ଲାଣ୍ଡ୍‌ରେ ମିଳିଥିଲା । ଏ ବର୍ଷ ମୁଁ ବୟତ୍ କରିଛି । ସେଠିକାର ମସ୍‌ଜିଦ୍‌ର ଇମାମ୍ ଲୁଚି ଲୁଚି ହଜୁର୍ ଅନୁଓ୍ୱର୍‌ଙ୍କ ଖୁତ୍‌ବା ଶୁଣୁଥିଲା । ପୁଣି ଲୋକମାନଙ୍କୁ ଏକଥା କହିବା ଆରମ୍ଭ କରିଦେଲା ଯେ ଇମାମ୍ ମେହ୍‌ଦୀ ଆସିଗଲେଣି ଓ ବର୍ତ୍ତମାନ ତାଙ୍କର ପଂଚମ ଖଲିଫା ଅଛନ୍ତି । ସୁତରାଂ ସେଠାରେ ୭୦ଜଣ ଲୋକ ସେହି ଇମାମ୍‌ଙ୍କ ସହିତ ମିଶି ଅହେମଦୀୟତ୍ ଗ୍ରହଣ କଲେ ଓ ବୟତ୍ କଲେ । ସେ ପୁଣି ବତାଉଛନ୍ତି ଯେ ସେ ବୟତ୍ କରିବା ପୂର୍ବରୁ ଲେଉଟି ଯାଇଥିଲେ ଓ ପୁଣି ଫ୍ରାନ୍‌ସ୍‌ରେ ବୟତ୍ କରିଥିଲେ ।

ସେ ପୁଣି କହିଲେ ଯେ ମୁଁ ହେଉଛି ଆମ ବଂଶର ଏକୁଟିଆ ଅହେମଦୀ । ଆମ ଘରର ଲୋକସଂଖ୍ୟା ହେଉଛନ୍ତି ୫ଜଣ । ସେମାନେ ବିରୋଧ ତ କରୁନାହାଁନ୍ତି କିନ୍ତୁ ବିଶ୍ୱାସ ମଧ୍ୟ ଆଣୁନାହାଁନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଦୁଆ କରି ଚାଲନ୍ତୁ । ନିଜ କାର୍ଯ୍ୟ ନମୁନାକୁ ଦେଖାନ୍ତୁ । ସେମାନେ ମାନିଯିବେ । ଅସଲ ଜିନିଷ ହେଉଛି ଦୁଆ ।

ଆଉଜଣେ ନୌମୁବାଏ ପଚାରିଲେ ଯେ ଯଦି ହଜ୍ କରିବା ପାଇଁ ସୁବିଧା ଅଛି ତେବେ ଆମେ ହଜ୍ କରିପାରିବୁ । କିନ୍ତୁ ସେଠାରେ ନମାଜ କିପରି ପଢ଼ିବୁ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେହି ଅହେମଦୀମାନେ ହଜ୍ କରିବାକୁ ଯାଇଥାନ୍ତି, ଯେଉଁମାନଙ୍କର ସୁବିଧା ସୁଯୋଗ ଅଛି ଏବଂ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ । ସେଠାକୁ ସାରା ପୃଥିବୀର ଭିନ୍ନ ଭିନ୍ନ ମୁସଲ୍‌ମାନ୍ ଫିର୍‌କା ହଜ୍ କରିବା ପାଇଁ ଯାଇଥାନ୍ତି । ସେମାନେ ଜଣେ ଅନ୍ୟଜଣକ ପଛରେ ନମାଜ ପଢ଼ନ୍ତି ନାହିଁ । ଯଦି ଆପଣ କେଉଁଠି ଫସି ଯାଇଛନ୍ତି ଅର୍ଥାତ୍ ଟ୍ରାପ୍ ହୋଇଗଲେ ତେବେ ନମାଜ ପଢ଼ି ନିଅନ୍ତୁ କିନ୍ତୁ ଏପରି ନିୟତ ରଖି ପଢ଼ନ୍ତୁ ଯେ ଯେହେତୁ ଏମାନେ ମସିହ୍ ମଉଦ୍ ଆ:ସଙ୍କୁ ମାନିନାହାଁନ୍ତି ତେଣୁ ଏହି ନମାଜ ପରେ ନିଜର ଅଲଗା ନମାଜ ପଢ଼ି ନିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କେତେକ ଅହେମଦୀ ଏକାଠି ହୋଇ ନିଜ ନିଜର ନମାଜ ପଢ଼ି ନେଉଛନ୍ତି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର:ଅଙ୍କ ସମୟରେ ହଜ୍ କରିଥିଲେ । ଗୋଟିଏ ନମାଜ ସମୟରେ ଏପରି ଅବସ୍ଥା ସୃଷ୍ଟି ହୋଇଗଲା ଯେ ସେଥିରୁ ଖସିବା ପାଇଁ କୌଣସି ବାଟ ନଥିଲା । ତେଣୁ ସାଥିରେ ଯାଇଥିବା ଲୋକମାନଙ୍କ ମଧ୍ୟରୁ କେହିଜଣେ ଏକଥା ବତାଇଦେଲେ ଯେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ଏକଥା କହିଛନ୍ତି ଯେ ଏହିଭଳି ପରିସ୍ଥିତିରେ ନମାଜ ପଢ଼ିନିଅ । ସୁତରାଂ ନମାଜ ପଢ଼ିନିଆଗଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବତାଇଲେ ଯେ ମନ ଅସ୍ତବ୍ୟସ୍ତ ଥିଲା ଯେ ଏପରି ଜଣେ ଇମାମ୍‌ଙ୍କ ପଛରେ ନମାଜ ପଢ଼ିବାକୁ ପଡ଼ିଲା ଯିଏ ମସିହ୍ ମଉଦ୍ ଆ:ସଙ୍କ ମାନିନାହାଁନ୍ତି । ସୁତରାଂ ତା'ପରେ ସେ ନିଜର ଆବାସସ୍ଥଳୀରେ ଆସି ପୁନର୍ବାର ନମାଜ ପଢ଼ିଲେ । ପୁଣି କାଦିଆନ୍ ଫେରିଯାଇ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍‌ଙ୍କ ଠାରୁ ଏ ବିଷୟ ପଚାରି ବୁଝିଲେ । ଏଥିରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ କହିଲେ ଯେ ଯଦି ଏହିଭଳି ପରିସ୍ଥିତି ଆସିଯାଏ ଓ ଭୟଥାଏ ଏବଂ ତାକୁ ସହି ନପାର ତେବେ ନମାଜ ପଢ଼ିନିଅ, ପୁଣି ଘରେ ଆସି ନିଜର ନମାଜ ପାଠ କରିନିଅ ।

ଆଉଜଣେ ନୌମୁବାଇନ୍ କହିଲେ ଯେ ତାଙ୍କର କେତେକ ଅଣ ଅହେମଦୀ ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟ ଆସୁଛନ୍ତି । ଯେତେବେଳେ ନମାଜ ପଢ଼ିବାର ସମୟ ଆସୁଛି ସେମାନେ ନମାଜ ପଢୁନାହାଁନ୍ତି, ଲଢ଼େଇ ଝଗଡା କରୁଛନ୍ତି ଏବଂ ଟି.ଭି କୁ ବହୁତ ଜୋର୍‌ରେ ଲଗାଇ ଦେଉଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଘରକୁ ଆସୁଥିବା ଅତିଥିମାନଙ୍କ ସହିତ ଝଗଡା କରିବାର କୌଣସି ଆବଶ୍ୟକତା ନାହିଁ । ଯଦି ନମାଜ ପଢ଼ିବା ସମୟ ହୋଇଯାଉଛି ଏବେ ସେଂଟର୍‌କୁ ଯାଇ ନମାଜ ପଢ଼ିନିଅନ୍ତୁ । ତାଙ୍କୁ ଏକଥା ବତାଇ ଦିଅନ୍ତୁ ଯେ ମୁଁ ନମାଜ ପଢ଼ିବାକୁ ଯାଉଅଛି । ଯଦି ସେଂଟର୍ ନାହିଁ ତେବେ ଘରେ ପଢ଼ିନିଅନ୍ତୁ ଓ ସେମାନଙ୍କୁ ଏକଥା କହିଦିଅନ୍ତୁ ଯାହାକୁ ନମାଜ ପଢ଼ିବାକୁ ଅଛି ସେମାନେ ମୋ ସହିତ ଆସି ପଢ଼ନ୍ତୁ ଓ ଟି.ଭିର ଆଓ୍ୱାଜ୍‌କୁ ଶୁନ କରିଦିଅନ୍ତୁ ଯଦ୍ୱାରା ମୁଁ ନମାଜ ଠିକ୍ ଭାବେ ପଢ଼ିପାରିବି ।

ଦୁଇଜଣ ଯୁବକ ଭାଇ ମଧ୍ୟ ଏହି ଓ୍ୱଫଦ୍‌ରେ ସାମିଲ୍‌ଥିଲେ । ଜଣେ ଭାଇ କହିଲେ ଯେ ମୁଁ ପ୍ରଥମେ ୫ବର୍ଷ ବୟସରେ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିଥିଲି । ବର୍ତ୍ତମାନ ମୋ ବୟସ ହେଉଛି ୧୫ ବର୍ଷ । ମୁଁ ଦଶବର୍ଷ ପରେ ହଜୁର୍‌ଙ୍କ ସହିତ ମିଳୁଅଛି । ସେ ପୁଣି ନିଜ ପରିବାର ଲୋକମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ନିବେଦନ କଲେ ।

ଜଣେ ନୌମୁବାଏ ମହିଳା ପଚାରିଲେ ଯେ ଅହେମଦୀୟତ୍‌ରେ ମହିଳାଙ୍କର କ'ଣ ସ୍ଥାନ ରହିଛି । ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମହିଳାଙ୍କ ସ୍ଥାନ ଅହେମଦୀୟତ୍‌ରେ ହେଉଛି ତାହା ଯାହା ଇସ୍‌ଲାମ୍‌ରେ ରହିଛି । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ତୁମମାନଙ୍କ ମଧ୍ୟରେ ଉତମ ବ୍ୟକ୍ତି ହେଉଛି ସେ ଯିଏ ନିଜ ପତ୍ନୀଙ୍କ ସହିତ ସଦ୍‌ବ୍ୟବହାର କରିଥାଏ ଓ ତୁମମାନଙ୍କ ମଧ୍ୟରେ ମୁଁ ସବୁଠାରୁ ଅଧିକା ନିଜ ସ୍ତ୍ରୀ ପିଲାଙ୍କ ସହିତ ସଦ୍‌ବ୍ୟବହାର କରିଥାଏ ।

ଆଁ ହଜ୍‌ରତ୍ ସ:ଆ:ସ ଏକଥା ମଧ୍ୟ କହିଛନ୍ତି ଯେ ମହିଳାମାନଙ୍କର କାର୍ଯ୍ୟ ହେଉଛି ଏହା କି ସେମାନେ ନିଜ ପିଲାମାନଙ୍କର ତର୍‌ବିୟତ୍ କରନ୍ତୁ । ସେମାନେ ସେହି ପିଲାମାନଙ୍କର ହେଉଛନ୍ତି ନିରୀକ୍ଷକ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ପ୍ରଶ୍ନ ପଚାରିଥିବା ମହିଳାକୁ ସମ୍ବୋଧନ କରି କହିଲେ ଯେ ଆପଣ ୟୁ.କେ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେଠାରେ ମୁଁ ମହିଳାମାନଙ୍କ ଜଲ୍‌ସାରେ ଭାଷଣ ଦେଇଥିଲି ଓ ଏ ସମ୍ପର୍କୀୟ ଗୋଟିଏ ହଦିସ୍ ମଧ୍ୟ ବର୍ଣ୍ଣନା କରିଥିଲି । ସେଠାରେ ଶୁଣିନଥିଲି କି? ଏଥିରେ ସେହି ମହିଳାଜଣକ କହିଲେ ଯେ ସେଠାରେ ଶୁଣିଥିଲି କିନ୍ତୁ ଆଜି ମୁଁ ନିଜ ସମ୍ମୁଖରେ ନିକଟରେ ଶୁଣିବାକୁ ଚାହୁଁଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ସେଠାରେ ଯେଉଁ କଥା କହିଥିଲି ଏଠାରେ ମଧ୍ୟ ସେହି କଥା କହିବି ।

ଆଉଜଣେ ନୌମୁବାଏ ମହିଳାଙ୍କ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମହିଳାମାନଙ୍କ ପାଦତଳେ ବୈକୁଣ୍ଠ । ମହିଳାମାନେ ପିଲାମାନଙ୍କୁ ପାଳିଥାନ୍ତି ଓ ସେମାନଙ୍କର ପୂଣ୍ୟ ସଂସ୍କାର କରିଥାନ୍ତି । ମହିଳାମାନଙ୍କୁ ଏହା ଗୋଟିଏ ଲାଇସେନ୍‌ସ୍ ଦିଆଯାଇଛି । ନିଜକୁ ଓ ନିଜ ପିଲାମାନଙ୍କୁ ମଧ୍ୟ ଜନ୍ନତ୍ ନେଇଯିବାର ଲାଇସେନ୍‌ସ୍ ।

ଜଣେ ନୌମୁବାଏ ମହିଳା କହିଲେ ଯେ ମୁଁ ନିଜେ ହେଉଛି ଅହେମଦୀ, କିନ୍ତୁ ମୋର ସ୍ୱାମୀ ଅହେମଦୀ ନୁହଁନ୍ତି । ମୋର ତିନିଜଣ ସନ୍ତାନ ଅଛନ୍ତି । ତିନିମାସ ପୂର୍ବେ ମୋ ସ୍ୱାମୀ ମୋତେ ତଲାକ୍ ଦେଇଦେଇଛନ୍ତି କାରଣ ମୁଁ ଅହେମଦୀ ହୋଇଯାଇଛି । ମୁଁ ଜଣେ ମହିଳା ବହୁତ ଅସୁବିଧାରେ ଅଛି, ତେଣୁ ମୋ ପାଇଁ ଦୁଆ କରନ୍ତୁ ଯେ ଖୁଦାତାଲା ମୋତେ ଦୃଢ଼ପଦ ରଖନ୍ତୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ । ଅଲ୍ଲାଃତାଲା ନିଜ କୃପା ଓ କରୁଣା ଦ୍ୱାରା ଆପଣଙ୍କ ସନ୍ତାନମାନଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ । ଆପଣଙ୍କ ପାଇଁ ସବୁକିଛି ସହଜ କରିଦିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ପୁରୁଷ ଆଡକୁ ଚାହିଁ କହିଲେ ଯିଏ ନିଜ ବନ୍ଧୁବାନ୍ଧବଙ୍କ ତରଫରୁ ବିରୋଧ ହେଉଥିବାର କଥା କହିଥିଲେ ଯେ ଦେଖ ଏ ଜଣେ ମହିଳା ହୋଇ ମଧ୍ୟ ନିଜ ଇମାନ୍‌ର ସୁରକ୍ଷା କରୁଛନ୍ତି ।

ଆଉଜଣେ ନୌମୁବାଏ ମହିଳା କହିଲେ ଯେ ମୁଁ ପୂର୍ବରୁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିଛି । ମୋ ପିଲାମାନେ ହଜୁର୍ ଅନୁଓ୍ୱର୍‌ଙ୍କୁ ନିକଟରେ ଦେଖିବାକୁ ଚାହୁଁଥିଲେ । ସେଥିଯୋଗୁ ମୁଁ ଆସିଛି । ହଜୁର୍ ଅନୁଓ୍ୱର୍‌କୁ ପୂର୍ବରୁ ଦେଖିଛି କିନ୍ତୁ ଏତେ ନିକଟରେ ଦେଖିନଥିଲି । ମୁଁ ନିକଟରୁ ଦର୍ଶନ କରିବା ପାଇଁ ଆସିଛି ।

ଜଣେ ନୌମୁବାଏ ମହିଳା ପଚାରିଲେ ଯେ ହଜୁର୍ ଯେତେବେଳେ ଖୁତ୍‌ବାରେ ଶେଷରେ ନମାଜ ଯନାଜାଃ ଗାଏବ୍ ପଢ଼ାଇବାର ଘୋଷଣା କରୁଛନ୍ତି ସେତେବେଳେ ସେହି ମୃତ ବ୍ୟକ୍ତି ମାନଙ୍କର ଉତମ ଗୁଣର ଚର୍ଚ୍ଚା କରୁଛନ୍ତି ଯେ ସେମାନଙ୍କର ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ଥିଲା । ହଜୁର୍ ଆମକୁ ବତାନ୍ତୁ ଯେ ଆମେ ଖିଲାଫତ୍ ସହିତ କିପରି ଦୃଢ଼ ସମ୍ପର୍କ ସ୍ଥାପନ କରିପାରିବୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣମାନେ ସମସ୍ତେ ଖିଲାଫତ୍‌ର ନିକଟରେ ଅଛନ୍ତି କିନ୍ତୁ ବାସ୍ତବରେ ଖିଲାଫତ୍ ସହିତ ସଂଲଗ୍ନ ହେଉଛି ସେହି ବ୍ୟକ୍ତି ଯିଏ ଖଲିଫାଙ୍କର ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିଥାଏ । ତାଙ୍କ ନିର୍ଦ୍ଦେଶ ଗୁଡିକ ଉପରେ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ମୋହରିର୍ (କିରାଣୀ) ରୂପେ ସେବା କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଲୋକମାନଙ୍କ ଏତଲା ନିମନ୍ତେ ଘୋଷଣା କରାଯାଉଛି ଯେ: (୧) ପ୍ରାର୍ଥଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଆବଶ୍ୟକ ଏବଂ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦, +୨, ସେକେଣ୍ଡ ଡ଼ିଭିଜନ ହୋଇଥିବ ଅଥବା ୪୫% ନମ୍ବର ହାସଲ କରିଥିବେ । ଏହାଠାରୁ ଅଧିକା ଶିକ୍ଷା ଗ୍ରହଣ କରିଥିବା କ୍ଷେତ୍ରରେ ମଧ୍ୟ ଅତିକମ୍‌ରେ ସେକେଣ୍ଡେ ଡ଼ିଭିଜନ ବା ତା'ଠାରୁ ଅଧିକା ନମ୍ବର ରଖିଥିବେ । (୨) ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥୀ ଯେଉଁମାମେ ମେଟ୍ରିକ ପାଶ କରିବା ପରେ ଜାମିଆ ଅହେମଦୀୟାରେ ଅତିକମ୍‌ରେ ଦୁଇ ବର୍ଷ ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ସେମାନେ ମୁକରମ୍ ପ୍ରିନ୍‌ସପାଲ୍ ସାହେବ ଜାମିଆ ଅହେମଦୀୟାଙ୍କ ତସ୍‌ଦିଗ୍ ଏବଂ ସୁପାରିଷ କରିବା ପରେ ନିୟମିତ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିମନ୍ତେ ଥିବା ପରୀକ୍ଷାରେ ସାମିଲ ହୋଇପାରିବେ ।

ପ୍ରାର୍ଥୀ ସୁନ୍ଦର ଲେଖିପାରୁଥିବେ ଏବଂ ଉର୍ଦ୍ଦୁ Inpage କମ୍ପୋଜିଙ୍ଗ ଜାଣିଥିବେ ଏବଂ ଟାଇପ୍‌ର ଗତି ଅତିକମ୍‌ରେ ମିନିଟ୍ ପିଛା ୨୫ ଟି ଶବ୍ଦ ହୋଇଥିବା ଉଚିତ । (୪) କେବଳ ସେହି ପ୍ରାର୍ଥୀ ସେବା କରିବାପାଇଁ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ସଦର ଅଞ୍ଜୁମନ୍‌ଙ୍କ ତରଫରୁ କିରାଣୀମାନଙ୍କ ନିମନ୍ତେ ନିଆଯାଇଥିବା ପରୀକ୍ଷା ଓ ଇଂଟରଭ୍ୟୁରେ ପାଶ୍ ହେବେ । (୫) ଯେଉଁ ବନ୍ଧୁ ସଦର ଅଞ୍ଜୁମନ୍ ଅହେମଦୀୟାରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଓ ଉପରୋକ୍ତ ସର୍ତାବଳୀକୁ ପୂରଣ କରୁଥିବେ ସେମାନେ ଦରଖାସ୍ତ ଦେଇପାରିବେ । ଦରଖାସ୍ତ ଫର୍ମ ନିଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନଙ୍କ ନିକଟୁ ମଗାଇ ନିଅନ୍ତୁ । ନିଜର ଦରଖାସ୍ତକୁ ନିର୍ଦ୍ଧାରିତ ଫର୍ମକୁ ପୂରଣ କରି ନିଜାରତେ ଦିଓ୍ୱାନ୍‌ଙ୍କୁ ପଠାଇ ଦିଅନ୍ତୁ । ଦରଖାସ୍ତ ଫର୍ମ ମିଳିବାପରେ ପରୀକ୍ଷା ଅନୁଷ୍ଠିତ କରାଯିବ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ମିଳିବ ତାହା ବିଚାରକୁ ନିଆଯିବ । (୬) ଦ୍ୱିତୀୟ ଶ୍ରେଣୀ କର୍ମଚାରୀମାନଙ୍କ ନିମନ୍ତେ ଥିବା ପାଠ୍ୟସୂଚୀ ପରୀକ୍ଷା କମିଶନ୍‌ର ପ୍ରତ୍ୟେକ ବିଭାଗରେ ସଫଳ ହେବା ଜରୁରୀ ଅଟେ । ଯାହା ନିମ୍ନରେ ଦିଆଗଲା ।

* ପବିତ୍ର କୋରାନ୍ ନାଜେରା ସମ୍ପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ * ଚାଲିସ୍ ଜଓ୍ୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ନମାଜ୍ ସମ୍ପୁର୍ଣ୍ଣ ଅନୁବାଦ ସହିତ * କଶ୍‌ତି ନୁହ୍, ବରକାତୁଦ୍ ଦୁଆ. ଦିନି ମାଲୁମାତ୍ * ଅକାଇଦେ ଯମାତ୍ ଅହେମଦୀୟା * ଦୁର୍‌ରେ ସମିମ୍ ରୁ ନଜମ୍ (ଶାନେ ଇସ୍‌ଲାମ୍) * ଇଂରାଜୀ ୧୦+୨ ସ୍ତର ମୁତାବକ * ଗଣିତ ମେଟ୍ରିକ ସ୍ତରର, ସାଧାରଣ ଜ୍ଞାନ (୭) ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥଙ୍କର ଇଂଟରଭ୍ୟୁ ହେବ । ସେବାକରିବା ନିମନ୍ତେ ଇଂଟରଭ୍ୟୁରେ ସଫଳ ହେବା ଜରୁରୀ । (୮) ଲିଖିତ ପରିକ୍ଷା ଏବଂ ଇଂଟରଭ୍ୟୁ ଦୁଇଟି ଯାକରେ ସଫଳ ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ରେ ସ୍ୱାସ୍ଥ୍ୟ ଯାଚଂ କରାଇବାକୁ ହେବ ଏବଂ କେବଳ ସେହି ପ୍ରାର୍ଥୀ ସେବା କରିବାର ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୂର୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ । (୯) ଯଦି କୌଣସି ପ୍ରାର୍ଥୀକୁ ଯମାତ୍‌ର କୌଣସି ପୋଷ୍ଟରେ ଚୟନ କରାଯାଏ ତେବେ ଏ କ୍ଷେତ୍ରରେ ତାଙ୍କୁ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ । (୧୦) କାଦିୟାନ୍ ଆସିବାର ଯାତାୟାତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନାଜର ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରିପାରିବେ**

**ମୋବାଇଲ୍-୯୮୭୭୧୩୮୩୪୭, ୯୬୪୬୩୫୧୨୮୦**

**ଅଫିସ୍ ଫୋନ୍- ୦୧୮୭୨୫୦୧୧୩୦**

Email: diwan@qadian.in

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

**ତାଲିବେ ଦୁଆ:** *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

## ଜଲ୍‌ସାସାଲାନାର ଗୁରୁତ୍ୱ ଏବଂ ବର୍‌କାତ୍

**''ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲ୍‌ସା ନିମନ୍ତେ ଯାତ୍ରା କରିବ ଖୁଦାତାଲା ତାଙ୍କ ସହିତ ରୁହନ୍ତୁ ଏବଂ ତାଙ୍କୁ ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପରେ ଦୟା କରନ୍ତୁ, ସେମାନଙ୍କ ଦୁଃଖ କଷ୍ଟ ଓ ଅସୁବିଧାକୁ ତାଙ୍କ ପାଇଁ ସହଜ କରିଦିଅନ୍ତୁ । ତାଙ୍କର ଦୁଃଖ ଓ ବିଶାଦକୁ ଦୂର କରି ଦିଅନ୍ତୁ ।**

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ଜରୁରୀ ଅଟେ ଯେ ଏହି ଜଲ୍‌ସା, ଯାହା ଅନେକ ବୈଭକୁ ସାଥିରେ ଧରି ରଖିଛି , ତେଣୁ ପ୍ରତ୍ୟେକ ଏପରି ବ୍ୟକ୍ତି ନିଶ୍ଚିତ ରୂପେ ଏଥିରେ ଯୋଗଦେଉ ଯିଏ ରାସ୍ତାଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ରଖିଛି ଏବଂ ନିଜ ଶୋଇବା ପାଇଁ ଶୀତ ବସ୍ତ୍ର ଓ କମଳ ଇତ୍ୟାଦି ଆବଶ୍ୟକ ଅନୁସାରେ ସାଥିରେ ଆଣୁ । ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ମାର୍ଗରେ ଛୋଟିଆ ଛୋଟିଆ ପ୍ରତିରୋଧକୁ ପରବାୟ ନ କରୁ । ଖୁଦାତାଲା ନିଷ୍ଠାବାନ୍ ବ୍ୟକ୍ତିମାନଙ୍କୁ ପ୍ରତ୍ୟେକ ପାଦରେ ପୁଣ୍ୟ ପ୍ରଦାନ କରିଥାନ୍ତି ଏବଂ ତାହାଙ୍କ ମାର୍ଗରେ କୌଣସି ପରିଶ୍ରମ ଓ କଷ୍ଟ ଉଠାଇବା ବ୍ୟର୍ଥ ଯାଏନାହିଁ । ଏବଂ ପୁନର୍ବାର ଲେଖାଯାଉଅଛି କି ଏହି ଜଲ୍‌ସାକୁ ସାଧାରଣ ମନୁଷ୍ୟଗତ ଜଲ୍‌ସା ଭଳି ବିବେଚନା କରନାହିଁ । ଏହା ହେଉଛି ସେହି କଥା ଯାହା କେବଳ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ଏବଂ ଇସ୍‌ଲାମୀୟ କଲେମାର ଉନ୍ନତି ସାଧନ ଉପରେ ଆଧାରିତ । ଏହି ସମ୍ପ୍ରଦାୟର ଶିଳାନ୍ୟାସ ଖୁଦାତାଲା ତାଙ୍କ ନିଜ ହସ୍ତରେ ରଖିଛନ୍ତି । ଏଥିପାଇଁ କୌମ୍ (ବିଶେଷ ଜାତି) ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ନିକଟ ଭବିଷ୍ୟତରେ ଆସି ଏହା ସହିତ ମିଶିବେ । କାରଣ ଏହା ହେଉଛି ସେହି ସର୍ବଶକ୍ତିମାନ୍ ଇଶ୍ୱରଙ୍କର କାର୍ଯ୍ୟ ଯାହାଙ୍କ ସମ୍ମୁଖରେ କୌଣସି କଥା ଅସମ୍ଭବ ନୁହେଁ ।''

ପୁଣି କହୁଛନ୍ତି:- ''ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲ୍‌ସା ନିମନ୍ତେ ଯାତ୍ରା କରିବ ଖୁଦାତାଲା ତାଙ୍କ ସହିତ ରୁହନ୍ତୁ ଏବଂ ତାଙ୍କୁ ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପରେ ଦୟା କରନ୍ତୁ, ସେମାନଙ୍କ ଦୁଃଖ କଷ୍ଟ ଓ ଅସୁବିଧାକୁ ତାଙ୍କ ପାଇଁ ସହଜ କରିଦିଅନ୍ତୁ । ତାଙ୍କର ଦୁଃଖ ଓ ବିଶାଦକୁ ଦୂର କରି ଦିଅନ୍ତୁ ଏବଂ ସେମାନଙ୍କୁ ପ୍ରତ୍ୟେକ ପ୍ରକାରର କଷ୍ଟରୁ ମୁକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଆଶା ଅଭିଳାଷାକୁ ପୂରଣ କରନ୍ତୁ । ପରୋକାଳରେ ସେହି ଭକ୍ତମାନଙ୍କ ସହିତ ତାଙ୍କୁ ଉଠାନ୍ତୁ ଯେଉଁମାନଙ୍କ ଉପରେ ତାହାଙ୍କ ଦୟା ଓ କୃପା ଅବତୀର୍ଣ୍ଣ ହୋଇଅଛି ଏବଂ ତାଙ୍କର ଯାତ୍ରା ଶେଷରେ ତାଙ୍କର ଖଲିଫା ତାଙ୍କର (ଉତରାଧିକାରୀ) ହୁଅନ୍ତୁ । ହେ ଖୁଦା ! ହେ ଜୁଲ୍‌ମଜଦ୍ ଓ୍ୱଲ୍‌ଅତା (ହେ ସମସ୍ତ ସମ୍ମାନର ଅଧିକାରୀ ଓ ପ୍ରଦାନକାରୀ) ଏବଂ ସଦା କରୁଣାମୟ ଓ ଦୁଃଖ ହରଣକାରୀ (ଖୁଦା) ଏହି ସମସ୍ତ ଦୁଆ (ପ୍ରାର୍ଥନା)କୁ ଗ୍ରହଣ କରନ୍ତୁ ଏବଂ ଆମକୁ ଆମ ବିରୋଧିମାନଙ୍କ ଉପରେ ଉଜ୍ଜଳ ନିଦର୍ଶନ ସହିତ ବିଜୟୀ କରାନ୍ତୁ ତୁମେ ହିଁ ହେଉଛି ସକଳ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ । *ଆମିନ୍ ସୁମ୍ମା ଆମିନ୍ ।*

***(ମଜ୍‌ମୁଆ ଇସ୍ତେହାରାତ୍ ଖଣ୍ଡ-୧, ପୃଷ୍ଠା-୩୪୧, ୩୪୨, ଇସ୍ତେହାର୍ ୭/ଡିସେମ୍ବର୍ ୧୮୯୨)***

ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......

ତତ୍କ୍ଷଣାତ୍ ପରିଚାଳିତ ହୋଇଥାଏ । କଥା ମାନିଥାଏ ଏବଂ ସମ୍ପୂର୍ଣ୍ଣ ଭକ୍ତିଭାବର ସମ୍ପର୍କ ରଖିଥାଏ । ତେଣୁ ଭଲ ଅହେମଦୀ ହୁଅ ।

ଜଣେ ନୌମୁବାଏ କହିଲେ ଯେ ଆମେ ହାତରେ ବୟତ କରିବାକୁ ଚାହୁଁଛୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନମାଜ ପରେ ଦସ୍ତି ବୟତ୍ (ଅର୍ଥାତ୍ ହାତରେ ହାତ ରଖି ବୟତ) ଅନୁଷ୍ଠିତ ହେବ ।

ଫ୍ରାନ୍ସ୍‌ରୁ ଆସିଥିବା ଏହି ନୌମୁବାଇନ୍‌ମାନଙ୍କ ସହିତ ଉକ୍ତ ମିଟିଙ୍ଗ୍‌ର କାର୍ଯ୍ୟକ୍ରମ ୨:୦୫ରେ ଶେଷ ହେଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ ।

**ନୌମୁବାଇନ୍ ମାନଙ୍କ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ହସ୍ତରେ ବୟତ୍**

ନମାଜ ପାଠ ପରେ ବୟତ୍ ଉତ୍ସବ ଅନୁଷ୍ଠିତ ହେଲା । ଉକ୍ତ ସମସ୍ତ ନୌମୁବାଇନ୍‌ମାନେ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ହସ୍ତରେ ବୟତ୍ କରିବାର ସୌଭାଗ୍ୟ ପାଇଲେ । ଏହି ନୌମୁବାଇନ୍‌ମାନଙ୍କ ବ୍ୟତୀତ ହଲାଣ୍ଡ୍‌ରେ ରହୁଥିବା ମୋକରମ୍ ସେବାହାତିନ୍ ଦିଲ୍‌ବର୍ ସାହେବ୍‌ଙ୍କୁ ମଧ୍ୟ ଆଜି ବୟତ୍ କରିବାର ସୌଭାଗ୍ୟ ମିଳିଲା । ଏହି ବ୍ୟକ୍ତିଜଣକ ହେଉଛନ୍ତି ତୁର୍କୀ ବଂଶିୟ ଏବଂ ଆର୍ମ୍‌ଷ୍ଟରଡମ୍ ଠାରେ ରହୁଛନ୍ତି । ସେ ହଜୁର୍ ଅନୁଓ୍ୱର୍‌ଙ୍କୁ ଦୁଆ କରିବା ପାଇଁ ଲେଖୁଥିଲେ । ଆଜି ପ୍ରଥମ ସାକ୍ଷାତ୍‌କାର୍‌ରେ ବୟତ୍ କରିବାର ନିଷ୍ପତି ନେଲେ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ହସ୍ତରେ ବୟତ୍ କରିବାର ସୌଭାଗ୍ୟ ପାଇଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବୟତର ଶବ୍ଦଗୁଡିକୁ ଇଂରାଜୀ ଭାଷାରେ ପାଠ କଲେ । ତତ୍‌ସହିତ ଅମୀର୍ ସାହେବ୍ ଫ୍ରାନ୍ସ୍ ମୁକରମ୍ ଅଶ୍‌ଫାକ୍ ରବ୍‌ବାନୀ ସାହେବ୍ ସେଗୁଡିକର ଅନୁବାଦ ଫ୍ରେନ୍‌ଚ୍ ଭାଷାରେ କଲେ । ବୟତ୍‌ର ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଏବଂ ବହୁତ ସ୍ନେହର ସହିତ ନୌମୁବାଇନ୍ ମାନଙ୍କ ସଙ୍ଗେ ହାତ ମିଳାଇଲେ । ତା'ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୪:୩୦ ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଏବଂ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ସେଶନ୍‌ରେ ୩୦ଟି ଫ୍ୟାମିଲିର ୧୨୬ଜଣ ସଦସ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ହାସଲ କଲେ ଓ ପ୍ରତ୍ୟେକ ନିଜ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ । ଛୋଟ ବୟସର କୁନି କୁନି ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍ କରିଥିବା ଏହି ଫ୍ୟାମିଲି ଗୁଡିକ Dan Hag, Schiedam, Zoetermeer, Lylstad & Nunspeet ରୁ ଆସିଥିଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୮:୨୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ମଗ୍‌ରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ୍ଥଳୀକୁ ଚାଲିଗଲେ ।

**ଫ୍ରାନ୍ସ୍‌ର ନୌମୁବାଇନ୍‌ମାନଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ମନୋଭାବ ବ୍ୟକ୍ତ**

ଆଜି ଫ୍ରାନ୍ସ୍‌ର ନୌମୁବାଇନ୍‌ମାନଙ୍କର ଯେଉଁ ୱଫଦ୍ (ପ୍ରତିନିଧି ମଣ୍ଡଳ) ଆସିଥିଲା ସେମାନେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପରେ ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି ଓ ନିଜର ମନୋଭାବକୁ ବ୍ୟକ୍ତି କରିବା ପରେ ସେମାନଙ୍କୁ ଆଖିରୁ ଅଶ୍ରୁ ବହିପଡୁଥିଲା ।

ହୁସୈନି ଅଜିଜି ସାହେବ୍ କହିଲେ *ୱଲହୁ ଇନି ଅହୁବବୁକା ଫିଲ୍ଲାହି ୟା ହଜୁର୍ ?* ଅର୍ଥାତ୍ ପ୍ରିୟ ଆକା ଖୁଦାଙ୍କ ରାଣ ମୋତେ ଆପଣଙ୍କ ସହିତ ଐଶ୍ୱରିକ ପ୍ରେମ ହୋଇସାରିଛି । ଏ ଶବ୍ଦ ଏତେ ଶକ୍ତିଶାଳୀ ନୁହେଁ ଯେତେଟା ମୋର ଭାବନାରେ ରହିଛି । ଆମେ ଏହି ସାକ୍ଷାତ୍‌କାର୍ ଦ୍ୱାରା ବହୁତ ଆନନ୍ଦିତ ଓ କୃତଜ୍ଞ । ଶାନ୍ତି ଓ ସୁରକ୍ଷାର ଅନୁଭବ ହେଲା ଯାହାର ଆମକୁ ବହୁତ ଆବଶ୍ୟକ ଥିଲା । ଏ ପୃଥିବୀବାସୀଙ୍କ ପାଇଁ ଜଣେ ଆଧାତ୍ମିକ ଗୁରୁଙ୍କର ଆବଶ୍ୟକତା ରହିଛି । ଆମେ ବଡ ସୌଭାଗ୍ୟଶାଳୀ ଯେ ଏହି ବୈଭବ ଅଛି । ଆମେ ଖୁଦାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ହେ ଖୁଦା ଆମ ଖଲିଫା ଆମ ଜମାତ୍‌ର ସୁରକ୍ଷା କରନ୍ତୁ । ଆମେ ଜଣେ ସଚ୍ଚା ଏବଂ ଶାନ୍ତି ପ୍ରଦାନକାରୀ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରିଛୁ ।

ମୋହତରମା ଡ୍ରାମେଇଚା ସାହିବା ବର୍ଣ୍ଣନା କଲେ ଏ ସାକ୍ଷାତ୍‌କାର୍ ମୋ ପାଇଁ ବହୁତ ବିଶେଷ ଥିଲା କାରଣ ମୁଁ ମୋ ଭଉଣୀ ଡାଇନେବାଙ୍କୁ ସାଥିରେ ନେଇ ଯାଇଥିଲି । ପ୍ରଥମେ ଯାଇଥିବା ଲୋକମାନଙ୍କ ମଧ୍ୟରେ ମୋ ନାମ ସାମିଲ୍ ନଥିଲା । କିନ୍ତୁ ଶେଷ ସମୟରେ ଖୁଦାତାଲା ମୋ କାଫିଲାରେ ସାମିଲ୍ ହେବାପାଇଁ ସାଧନ ସୃଷ୍ଟି କରିଦେଲେ ।

୫ବର୍ଷ ପୂର୍ବେ ଗୋଟିଏ ସାମୁହିକ ସାକ୍ଷାତ୍‌କାର୍ ସମୟରେ ମୁଁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ନିଜର ଦୁଇ ଭଉଣୀଙ୍କ ପାଇଁ ଦୁଆ କରିବା ନିମନ୍ତେ ନିବେଦନ କରିଥିଲି କାରଣ ସେମାନଙ୍କର ସ୍ୱାମୀମାନେ ସେମାନଙ୍କୁ ଜମାତ୍ ସହିତ ସମ୍ବନ୍ଧ ରଖିବା ପାଇଁ ମନା କରୁଥିଲେ । ଡାଇନେବା ହେଉଛନ୍ତି ତା ମଧ୍ୟରୁ ଜଣେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଈଶ୍ୱର ସବୁକିଛି ଠିକ୍ କରିଦେବେ । ଏବେ ମୋ ପାଇଁ ଡାଇନେବାଙ୍କୁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ସାଥିରେ ନେଇଯିବା ହଜୁର୍ ଅନୁଓ୍ୱର୍‌ଙ୍କ ଦୁଆ ଗ୍ରହଣୀୟ ହେବାର ଏକ ଚିହ୍ନ ଅଟେ । ମୋତେ ଗୋଟିଏ ପ୍ରଶ୍ନ ପଚାରିବା ପାଇଁ ସୌଭାଗ୍ୟ ମିଳିଲା । ସାକ୍ଷାତ୍‌କାର୍‌ର ସମୟ ଶେଷ ହେବା ସତ୍ତ୍ୱେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ମୋର ପ୍ରଶ୍ନକୁ ଶୁଣିଲେ ଓ ତାହାର ଉତର ମଧ୍ୟ ଦେଲେ ।

କାମିଲ୍ ଶେଖ୍ ଜୁମୁନ୍ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ ଆମେ ଏ ପ୍ରାର୍ଥନା କରୁଛୁ ଯେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଅଲ୍ଲାଃତାଲା ଉତମ ସ୍ୱାସ୍ଥ୍ୟ ସମ୍ବଳିତ ଜୀବନ ପ୍ରଦାନ କରନ୍ତୁ । ଆମେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ଯୋଗୁ ବହୁତ ଆନନ୍ଦିତ । ଅଲ୍‌ହମ୍‌ଦୋଲିଲ୍ଲାଃ । ହଜୁର୍ ଅନୁଓ୍ୱର୍‌ଙ୍କ ହାତରେ ଏତେ ନିକଟରେ ବୟତ କରିବାର ଅନୁଭବ ଅସାଧାରଣ ଥିଲା । ଆମକୁ ପୂର୍ବରୁ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହିପରି କେବେ ସାକ୍ଷାତ୍ କରିବାର ଓ ବୟତ୍ କରିବାର ଅବସର ମିଳିନଥିଲା । ଆମେ ହଜୁର୍‌ଙ୍କ ନିକଟରେ କୃତଜ୍ଞ ଯେ ସେ ଆମକୁ ସାକ୍ଷାତ୍ କରିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି ।

କାକ୍‌ସିଫ୍ ଶେଖ୍ ଜୁମୁନ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି ଏପରି

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 28 Nov 2019 Issue No. 48

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

## ରିପୋର୍ଟ୍‌ର ବଳକା ଅଂଶ

୧୧ ଅକ୍ଟୋବର୍ ୨୦୧୫ (ରବିବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୬:୪୫ରେ ବଇତୁଲ୍ ନୁର୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ୭:୪୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ଆଜି ମଧ୍ୟ ନନ୍‌ସ୍ପିଟ୍‌ର ଦେହାତି ଇଲାକାକୁ ସାଇକେଲ୍ ଯୋଗେ ଭ୍ରମଣ କରିବା ପାଇଁ ବାହାରିଲେ । ୨୫ଜଣ ଖୁଦ୍ଦାମ୍ ସାଇକେଲ୍ ଆରୋହଣ କରି ନିଜ ପ୍ରିୟଆକାଙ୍କ ସହିତ ଭ୍ରମଣକୁ ବାହାରିଲେ । ଜଙ୍ଗଲର ମଝି ରାସ୍ତା ଦେଇ ବିଭିନ୍ନ ଟ୍ରାକ୍‌କୁ ଅତିକ୍ରମ କରି ହ୍ରଦର ଚତୁଃପାର୍ଶ୍ୱରେ ଗୋଟିଏ ଚକର୍ ଲଗାଇ ପାଖାପାଖି ୧ ଘଂଟା ଯାତ୍ରା କରିବା ପରେ ଠିକ୍ ୮:୪୦ରେ ଫେରିଆସିଲେ ।

୧୨:୧୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସି ଚିଠିପତ୍ର ଇତ୍ୟାଦି ତଦାରଖ କଲେ ଏବଂ ସେଥିରେ ନିର୍ଦ୍ଦେଶନାମା ପ୍ରଦାନ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ହଲାଣ୍ଡରେ ରହଣି ସମୟରେ ପ୍ରତ୍ୟହ ଲଣ୍ଡନ୍ ମର୍କଜ ଏବଂ ପୃଥିବୀର ଅନ୍ୟାନ୍ୟ ଦେଶଗୁଡ଼ିକରୁ ଫ୍ୟାକ୍ସ୍ ଏବଂ ଇ-ମେଲ୍ ମାଧ୍ୟମରେ ଚିଠି ଓ ରିପୋର୍ଟ୍‌ସ୍ ଇତ୍ୟାଦି ପ୍ରାପ୍ତ ହେଉଥିଲା । ଏତଦ୍‌ବ୍ୟତୀତ ହଲାଣ୍ଡ୍‌ର ଜମାତ୍‌ର ଲୋକମାନଙ୍କ ତରଫରୁ ମିଳୁଥିବା ଚିଠିପତ୍ର ଓ ରିପୋର୍ଟ୍‌ସ୍ ଇତ୍ୟାଦିକୁ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦେଖୁଥିଲେ ଓ ସେଥିରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରୁଥିଲେ ।

### ଫ୍ରାନ୍‌ସ୍‌ର ନୌମୁବାଇନ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍

ଆଜି ଫ୍ରାନ୍‌ସ୍‌ରୁ ୨୨ଜଣ ନୌମୁବାଇନ୍ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଁ ପାଇଁ ନନ୍‌ସ୍ପିଟ୍ (ହଲାଣ୍ଡ) ପହଂଚିଥିଲେ ।

ଏହି ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇଥିବା ନୌମୁବାଇନ୍‌ମାନଙ୍କ ସମ୍ବନ୍ଧ ନିମ୍ନଲିଖିତ ୮ଟି ଦେଶ ସହିତ ଥିଲା । ଆଲ୍‌ଜେରିଆ, ମରାକିଶ୍ ଫ୍ରାନ୍‌ସ୍, ସିନିଗାଲ୍, ମୋରିସସ୍ ବେନିନ୍ ଜଜାଇର୍, କମୁରୋଜ୍ ଏବଂ ମାଲି । ଏମାନେ ସମସ୍ତେ ଫ୍ରାନ୍‌ସ୍‌ରୁ ହଲାଣ୍ଡ ପର୍ଯ୍ୟନ୍ତ ୫୦୦କି.ମି ଲମ୍ବା ଯାତ୍ରାକୁ ଅତିକ୍ରମ କରି କେବଳ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଏଠାରେ ଆସି ପହଂଚିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୧୨:୫୦ରେ ମସ୍‌ଜିଦ୍‌ରେ ଥିବା ପୁରୁଷମାନଙ୍କ ହଲ୍ ମଧ୍ୟରେ ପଦାର୍ପଣ କଲେ ଯେଉଁଠି ସାକ୍ଷାତ୍‌କାର୍‌ର ପ୍ରୋଗ୍ରାମ୍ ଆରମ୍ଭ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସର୍ବପ୍ରଥମେ ସମସ୍ତଙ୍କଠାଂରୁ ତାଙ୍କର ଅବସ୍ଥା ବିଷୟରେ ପଚାରିବୁଝିଲେ । ପୁଣି ଜଣ ଜଣ କରି ସମସ୍ତ ସଦସ୍ୟମାନଙ୍କ ପରିଚୟ ପ୍ରାପ୍ତ କଲେ । ସେମାନେ ନିଜର ପରିଚୟ ପ୍ରଦାନ କରିବା ସହିତ ପ୍ରଶ୍ନ ବି ପଚାରୁଥିଲେ ।

ଫ୍ରାନ୍‌ସ୍‌ରୁ ଗୋଟିଏ ପରିବାର ଅର୍ଥାତ୍ ସ୍ୱାମୀ ସ୍ତ୍ରୀ ମୋକରମ୍ ଗିସ୍‌ଲେନ୍ ସାହେବ୍ ଏବଂ ତାଙ୍କ ପତ୍ନୀ ମୋହତରମା ଫରିଦା ସାହିବା ମଧ୍ୟ ଏହି ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିଲେ । ଏହି ଦୁଇଜଣଙ୍କର ସମ୍ବନ୍ଧ ୩୧ ଜଣ ବିଶିଷ୍ଟ ଉକ୍ତ ଫ୍ୟାମିଲି ସହିତ ଥିଲା, ଯେଉଁମାନେ ଫ୍ରାନ୍‌ସ୍‌ରେ ଅହେମଦୀୟତ୍ ଗ୍ରହଣ କରିଛନ୍ତି । ଏହି ଦୁଇଜଣ ସ୍ୱାମୀ ସ୍ତ୍ରୀ ଜଲ୍‌ସା ସାଲାନା ୟୁ.କେ ୨୦୧୫ ଅବସରରେ ବୟତ କରିବାର ସୌଭାଗ୍ୟ ପାଇଥିଲେ ।

ସ୍ୱାମୀ ହେଉଛନ୍ତି ସ୍ଥାନୀୟ ଫ୍ରେନ୍‌ଚ୍ ଯେବେ କି ତାଙ୍କ ସ୍ତ୍ରୀଙ୍କ ସମ୍ବନ୍ଧ ଆଲ୍‌ଜେରିଆ ଦେଶ ସହିତ ରହିଛି ଓ ସେମାନଙ୍କର ତିନିଜଣ ସନ୍ତାନ ଅଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଆପଣ ଜଲ୍‌ସାରେ କାହିଁକି ମିଳିଲେ ନାହିଁ? ଏଥିରେ ସେମାନେ କହିଲେ ଯେ ଜଲ୍‌ସା ପରେ ଆମେ ଗୋଟିଏ ଦିନ ରହିଲୁ ହଜୁର୍ ଅନୁଓ୍ୱାର୍‌ଙ୍କ ପଛରେ ନାମ ପଢ଼ିଲୁ । କିନ୍ତୁ ସେଠାରେ ସାକ୍ଷାତ୍ କରିବା ପାଇଁ ଅବସର ମିଳିଲା ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଦୁଇଜଣ ସ୍ୱାମୀ ସ୍ତ୍ରୀଙ୍କ ବୟତ କରିବା ଘଟଣା ୨୮/୦୯/୨୦୧୫ର ଖୁତ୍‌ବାଜୁମାରେ ବର୍ଣ୍ଣନା କରିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଥିଲେ ଯେ ଅମୀର୍ ସାହେବ୍ ଫ୍ରାନ୍‌ସ୍ ଲେଖୁଛନ୍ତି କି:- "ଗିସ୍‌ଲେନ୍ ସାହେବ୍ ଏବଂ ତାଙ୍କର ପତ୍ନୀ ଓ ସେମାନଙ୍କ ୩ଜଣ ପିଲାମାନଙ୍କର ସମ୍ବନ୍ଧ ଜମାତ୍ ସହିତ ବହୁତ ପୂର୍ବରୁ ରହିଛି, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ବୟତ କରିନଥିଲେ । ସୁତରାଂ ରବିବାର ଦିନ ସକାଳବେଳ ଫଜର୍ ନମାଜ ପରେ ସେ ମୋ ପାଖକୁ ଆସି କହିଲେ ଯେ ଆପଣଙ୍କ ସହିତ ଗୋଟିଏ କଥା ହେବାର ଅଛି । ଏହା କହି ସେ କାନ୍ଦିବାକୁ ଲାଗିଲେ । ମୁଁ ପଚାରିବାରେ ସେ ମୋତେ କହିଲେ ଯେ ମୁଁ ଏଥିପାଇଁ ବୟତ କରୁନଥିଲି କି ମୁଁ ଏହା ଚାହୁଁଥିଲି ଯେ ମୁଁ ମୋ ସ୍ତ୍ରୀ ଓ ପିଲାମାନଙ୍କ ସହିତ ବୟତ୍ କରେ । ଏବେ ଯେତେବେଳେ ମୁଁ ଜଲ୍‌ସାରେ ସାମିଲ୍ ହେଲି ସେତେବେଳେ ମୋ ମନ ବହୁତ ଚାହୁଁଥିଲା ଯେ ମୁଁ କିପରି ବୟତ କରିନିଏ କିନ୍ତୁ ମୋର ଭୀଷଣ ଇଚ୍ଛା ଥିଲା ଯେ ମୋ ସ୍ତ୍ରୀ ମଧ୍ୟ ମୋ ସହିତ ବୟତ କରନ୍ତୁ । ସୁତରାଂ ଆଜି ସକାଳେ ଫଜର୍ ନମାଜ୍‌ରେ ମୁଁ ବହୁତ ଦୁଆ କଲି । ନମାଜ ପରେ ମୋର ସ୍ତ୍ରୀ ମୋତେ କହିଲେ କି ମୁଁ ଆପଣଙ୍କୁ କିଛି କହିବାକୁ ଚାହୁଁଛି ଏହା ଶୁଣି ମୁଁ ତାଙ୍କୁ କହିଲି ଯେ ମୁଁ ମଧ୍ୟ ତୁମକୁ କିଛି କହିବାକୁ ଚାହୁଁଛି । ସୁତରାଂ ମୋ ସ୍ତ୍ରୀ ମୋତେ କହିଲେ ଯେ ମୁଁ ବୟତ୍ କରିବାକୁ ଚାହୁଁଛି । ଯେତେବେଳେ ମୁଁ ତାଙ୍କୁ ବତାଇଲି ଯେ ମୁଁ ମଧ୍ୟ ତୁମକୁ ଏହିକଥା କହିବା ପାଇଁ ଚାହୁଁଥିଲି କି ମୁଁ ମଧ୍ୟ ବୟତ କରିବାକୁ ଚାହୁଁଛି ଓ ସେଥିଯୋଗୁ ମୁଁ ଦୁଆ କରୁଥିଲି ଯେ ଆମେ କିପରି ଏକାଠି ବୟତ୍ କରିବା । ସୁତରାଂ ଆଜି ଅଲ୍ଲାଃତାଲା ମୋର ଦୁଆକୁ ଶୁଣିଛନ୍ତି । ମୋ ସ୍ତ୍ରୀ ମଧ୍ୟ କହିଲେ ଯେ ମୁଁ ମଧ୍ୟ ଏହି ଦୁଆ କରୁଥିଲି । ଏହିପରି ଅଲ୍‌ହମ୍‌ଦୋଲିଲ୍ଲାଃ ସମ୍ପୂର୍ଣ୍ଣ କରିବାଟି ତାଙ୍କ ସନ୍ତାନମାନଙ୍କ ସମେତ ବୟତ୍ କରି ଜମାତ୍ ଅହେମଦୀୟାରେ ସାମିଲ୍ ହୋଇଗଲା ।"

ଆଜି ଏହି ଦୁଇଜଣ ସ୍ୱାମୀ ସ୍ତ୍ରୀ ନିଜ ପିଲାମାନଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ ।

ଅଲ୍ ଜଜାଇର୍ ସହିତ ସମ୍ବନ୍ଧ ରଖିଥିବା ଜଣେ ବନ୍ଧୁ କହିଲେ ଯେ ମୋ ନାମ ହେଉଛି ମୁରାଦ । ଆମର ମାର୍ଗଦର୍ଶନ କରାନ୍ତୁ ଯେ ଆମେ ଅହେମଦୀୟତ୍‌ର ବାର୍ତ୍ତାକୁ କିପରି ଫ୍ରାନ୍‌ସ୍‌ରେ ପହଂଚାଇପାରିବୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆଜିକାଲି ଅଲ୍ଲାଃତାଲା ଏପରି ପବନ ସ୍ୱୟଂ ଚଳାଇଛନ୍ତି ଯେ ଏ ପୃଥିବୀରେ ଇସ୍‌ଲାମ୍ ସମ୍ବନ୍ଧରେ ଧ୍ୟାନ ଆକର୍ଷଣ ହେଉଅଛି । ଇସ୍‌ଲାମ୍ ପ୍ରତି ସଂସାରବାସୀଙ୍କ ଆଗ୍ରହ ବଢ଼ିଛି ।

ଏ ପୃଥିବୀ ଯେଉଁ ଇସ୍‌ଲାମ୍‌ର କଥା କରୁଅଛି ତାହା ତଥାକଥିତ ଓ୍ୱଲେମାମାନଙ୍କ ଦ୍ୱାରା ବିଗିଡି ଯାଇଥିବା ଇସ୍‌ଲାମ୍‌ର କଥା କହୁଛି । ଏବେ ଏ ଦୁନିଆକୁ ଏକଥା ବତାଇବାର ଆବଶ୍ୟକତା ଅଛି ଯେ ପ୍ରକୃତ ଇସ୍‌ଲାମ୍ କ'ଣ । ମୁଁ କିଛି ବର୍ଷ ପୂର୍ବେ ଏକଥା କହିଥିଲି ଯେ ଜମାତ୍‌ର ପରିଚୟ ଏପରି କରାନ୍ତୁ ଯେ ପ୍ରଥମେ ସେମାନଙ୍କୁ ଇସ୍‌ଲାମ୍‌ର ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରେମ ଓ ସ୍ନେହର ଶିକ୍ଷା ସମ୍ବନ୍ଧରେ ବତାଯାଉ । ଏ ସଂସାରକୁ ପ୍ରଥମେ ଏକଥା ବତାନ୍ତୁ ଯେ ଶାନ୍ତି ଓ ସୌହାର୍ଦ୍ଦ୍ୟ କ'ଣ ଅଟେ ଓ ଏଥିପାଇଁ ଆମକୁ କ'ଣ କରିବା ଉଚିତ୍ । ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ବିଷୟବସ୍ତୁ ଉପରେ ଆଧାରିତ ଲିଫ୍‌ଲେଟ୍‌ସ୍ ବଂଟନ କରନ୍ତୁ । ପୁଣି ଏହାପରେ ଗୋଟିଏ ନୁଆ ଲିଫ୍‌ଲେଟ୍ ପ୍ରସ୍ତୁତ କରନ୍ତୁ, ଯେଉଁଥିରେ ପବିତ୍ର କୋରାନ୍ ହଦିସ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଟିଏ ଛୋଟ ଲେଖାକୁ ନେଇ ତା ସହିତ ଯୋଡନ୍ତୁ ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ସେଥିରେ ବାର୍ତ୍ତା ରହୁ ଏବଂ ଜମାତ୍ ଅହ୍‌ମଦିଆ ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଯେଉଁ ଚେଷ୍ଟା ଜାରି ରଖିଛି ସେ କଥା ସେଥିରେ ଉଲ୍ଲେଖ କରାଯାଉ । ଏହି ପାମ୍ପଲେଟ୍ ଦୁଇଫର୍ଦ୍ଦ ବିଶିଷ୍ଟ ଅର୍ଥାତ୍ ଗୋଟିଏ ପୃଷ୍ଠାର ଆଗ ଓ ପଛ । ଏହି ପାମ୍ପଲେଟ୍ ମଧ୍ୟ ଲକ୍ଷ ଲକ୍ଷ ସଂଖ୍ୟାରେ ବଂଟନ ହେଉ ।

ପୁଣି ଇଲେକ୍‌ଟ୍ରୋନିକ୍ ମିଡିଆ ଓ ପ୍ରେସ୍ ମିଡିଆ ଅଛି । ସେମାନଙ୍କ ସହିତ ନିଜର ସମ୍ପର୍କ ସ୍ଥାପନ କରନ୍ତୁ ପୁଣି ସେମାନଙ୍କ ଜରିଆରେ ବାର୍ତ୍ତା ପହଂଚାନ୍ତୁ ।

ଲିଫ୍‌ଲେଟ୍‌ସ୍ ବଂଟନ ଓ ମିଡିଆ ଜରିଆରେ ଯେଉଁ ସମ୍ପର୍କ ସ୍ଥାପନ ହେବ ତା ଉପରେ ସେମାନଙ୍କ ସହିତ ଆହୁରି ଅଧିକ ଇସ୍‌ଲାମ୍‌ର ଶିକ୍ଷା ସମ୍ପନ୍ଧରେ ବତାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ସବୁଠରୁ ଜରୁରୀ କଥା ହେଉଛି ମୁସଲ୍‌ମାନମାନଙ୍କର କାର୍ଯ୍ୟକଳାପ । ଏହି କାର୍ଯ୍ୟକଳା ଯୋଗୁ ଏ ସଂସାର ଇସ୍‌ଲାମ୍ ନିକଟରୁ ଭୟଭୀତ ଅଛି । ଉକ୍ତ ଭୟକୁ ଦୂର କରିବା ପାଇଁ ନିଜର ଏପରି କାର୍ଯ୍ୟ ନମୁନା ସ୍ଥାପନ କରନ୍ତୁ ଯେ ଲୋକମାନେ ଆପଣଙ୍କ କାର୍ଯ୍ୟକଳାପକୁ ଦେଖି ଆପଣଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିବେ । ଅତିକମ୍‌ରେ ଯେଉଁଠି ଆପଣଙ୍କର ଚିହ୍ନା ପରିଚୟ ଅଛି, ସମ୍ପର୍କ ରହିଛି ସେଠାରେ ଲୋକମାନେ ଆପଣଙ୍କ ନିକଟତର ହେବେ ।

ଯେଉଁ ଲିଫ୍‌ଲେଟ୍‌ସ୍ ପ୍ରକାଶ କରିବେ ସେଥିରେ ମିଶନ୍ ହାଉସ୍‌ର ଆଡ୍ରେସ୍ ଦିଅନ୍ତୁ, ଓ୍ୱେବ୍‌ସାଇଟ୍‌ର ଆଡ୍ରେସ୍ ଦିଅନ୍ତୁ । ଏହିପରି ଏ ମାର୍ତ୍ତା ଲକ୍ଷ ଲକ୍ଷ ଲୋକମାନଙ୍କ ନିକଟରେ ପହଂଚିବ ଏବଂ ଲୋକମାନେ ମଧ୍ୟ ଆପଣମାନଙ୍କ ସହିତ ସମ୍ପର୍କ ଯୋଡିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଜୀବଦଶାରେ ହଜାର ହଜାର ସଂଖ୍ୟାରେ ଇସ୍ତେହାର ପ୍ରକାଶ କରିଛନ୍ତି ଓ ବଂଟନ କରିଛନ୍ତି । ତେଣୁ ଆପଣ ମଧ୍ୟ ଇସ୍ତେହାର ଦିଅନ୍ତୁ ଓ ଏହା ମାଧ୍ୟମରେ ଲାଭ ଉଠାନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ ଆଜିକାଲି ମିଡିଆର ଯୁଗ । ତେଣୁ ଇସ୍‌ଲାମ୍‌ର ସଠିକ୍ ଶିକ୍ଷାକୁ ଏବେ ଓ୍ୱେବ୍‌ସାଇଟ୍‌ରେ ପକାନ୍ତୁ ଓ ନିଜର ଗୋଟିଏ ଟିମ୍ ବନାନ୍ତୁ । ଏହିପରି ଗୋଟିଏ କାମରୁ ଆଉ ଗୋଟିଏ କାମ ବାହାରି ଚାଲିବ ଓ ଅନେକ ରାସ୍ତା ଖୋଲିଯିବ । ଏବେ ଯାହାକିଛି ମୁଁ ବତାଇଲି ସେତିକି ହିଁ କରନ୍ତୁ, ଏହା ଯଥେଷ୍ଟ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନିଜର କାର୍ଯ୍ୟ ନମୁନା ଦେଖାନ୍ତୁ, ଦୁଆ କରନ୍ତୁ, ହୃଦୟକୁ ପରିବର୍ତ୍ତନ କରିବା ଆମର କାର୍ଯ୍ୟ ନୁହେଁ କିନ୍ତୁ ବାର୍ତ୍ତା ପହଂଚାଇବା ହେଉଛି ଆମର କାର୍ଯ୍ୟ । ଅଲ୍ଲାଃତାଲା ବାର୍ତ୍ତା ପହଂଚାଇବାର ନିର୍ଦ୍ଦେଶ ଆଁ ହଜ୍‌ରତ୍ ସ:ଆ:ସକୁ ମଧ୍ୟ ଦେଇଛନ୍ତି । ବାକି ହୃଦୟକୁ ପରିବର୍ତ୍ତନ କରିବା

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**